# କେହି କାହାକୁ ଛାଡିବାକୁ ନାରାଜ

ସମ୍ବଲପୁର,୩।୩(ବ୍ୟୁରୋ)

ସମ୍ବଲପୁର ସହରରେ ମଙ୍ଗଳବାର ୩ ଦିନରେ ଗାଡିମୋଟର ଯାଞ୍ଚ କଡାକଡି କରାଯାଇଛି। ଲକ୍ଷ୍ମୀଟକିଜ ଛକରେ ଯାଞ୍ଚ ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ଏକ ସ୍କୁଟିରେ ବିନା ହେଲମେଟରେ ୩ ଜଣ ଯାଉଥିବା ସମୟରେ ପୋଲିସ ଅଟକାଇଥିଲା। ହେଲେ ସେମାନେ ନ ଅଟକି ପଳାଇ ଯିବାକୁ ବସିଥିଲେ। ପୋଲିସ କିନ୍ତୁ କାବୁ କରି ନେଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ସହ ଉକ୍ତ ଯୁବକମାନେ ମୁହାଁ ମୁହିଁ ହୋଇଥିଲେ।

- ଅଟୋକୁ ୩୦ ହଜାର ଟଙ୍କା ଜରିମାନା
- କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ଡଣ୍ଡ ଗଣିଲେ
- ୩ୟ ଦିନରେ ୧ ଲକ୍ଷ ୪୪ ହଜାର ଟଙ୍କା ଆଦାୟ

ଏହି ଯୁବକମାନଙ୍କ କହିବା ଅନୁସାରେ ସେମାନେ ସୋମବାର ଜରିମାନା ଦେଇଛନ୍ତି। ପୋଲିସ ଦୁର୍ବ୍ୟବହାର କରୁଛି। ତେବେ ଟାଉନ ଥାନାକୁ ପୋଲିସ ଏହି ଯୁବକମାନଙ୍କୁ ନେଇଥିଲା। ୧ ହଜାର ଟଙ୍କାର ଚାଲାଣ କାଟିବା ପରେ ଏମାନଙ୍କୁ ଛାଡି ଦିଆଯାଇଛି। ଏ ସମ୍ପର୍କରେ ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରା କିନ୍ତୁ କହିଛନ୍ତି ଯେ, ପୋଲିସ ପକ୍ଷରୁ କେବେ କାହାକୁ ଦୁର୍ବ୍ୟବହାର କରାଯାଉ ନାହିଁ । ଏଥିପାଇଁ ଆମେ ସଚେତନ ରହିଛୁ । ହେଲେ ଲୋକମାନେ ଟ୍ରାଫିକ ନିୟମ ପାଳନ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଗୋଟିଏ ଅଟୋକୁ ୩୦ ହଜାର ୫ ଶହ ଟଙ୍କାର ଜରିମାନା କରାଯାଇଛି। ଯାତ୍ରୀବାହୀ ଅଟୋରେ ମାଲ୍ ପରିବହନ କରିବା ପାଇଁ ୫ ହଜାର ଟଙ୍କା, ସାଧାରଣ ନିୟମ ଉଲ୍ଲଂଘନ ପାଇଁ ୫ ଶହ ଟଙ୍କା, ଡ୍ରାଇଭିଂ ଲାଇସନ୍ସ ପାଇଁ ୫ ହଜାର ଟଙ୍କା, ଓଭର ଲୋଡିଂ ପାଇଁ ଅଟୋକୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି । ତେବେ ସେହି ରାସ୍ତା ଦେଇ ଯାଉଥିବା କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ପୋଲିସ ହାବୁଡରେ ପଡିଯାଇଥିଲେ । ବିନା ହେଲମେଟ, ପଲ୍ୟୁସନ ନ ଥିବା, ସାଧାରଣ ନିୟମ ଉଲ୍ଲଂଘନ ପାଇଁ ତାଙ୍କ ନାମରେ ମୋଟ ୧୦ ହଜାର ୫ ଶହ ଟଙ୍କାର ଚାଲାଣ କଟାଯାଇଛି।




ସମ୍ବଲପୁର ଲକ୍ଷ୍ମୀଟକିଜ ଛକରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନଙ୍କୁ ପୋଲିସ ଅଟକାଇଛି (ବାମ)। ଲକ୍ଷ୍ମୀଟକିଜ ଛକରେ ଜଣେ ଯୁବକ ରାସ୍ତାରେ ବସିଛନ୍ତି।

## ସଂକ୍ଷେପରେ

### ହୀରାକୁଦ ହିଣ୍ଡାଲକୋରେ ଖେଳକୁଦ ପ୍ରତିଯୋଗିତା

ସମ୍ବଲପୁର, ୩।୩ (ବ୍ୟୁରୋ) ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ମହିଳା ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ସୁଭାଷ ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି । ହୀରାକୁଦର ବିଭିନ୍ନ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସମିତି ଓ ଗ୍ରାମାଞ୍ଚଳର ମହିଳାମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବାଟି ଚାମଚ ରେସ, ବାସ୍କେଟ ବଲ, ସଶଟପୁଟ, ଛୁଞ୍ଚି ସୂତା ଦୌଡ ପ୍ରତିଯୋଗିତା ହୋଇଥିଲା।

### ହୀରାକୁଦ ଜଗନ୍ନାଥ ମନ୍ଦିର କମିଟି ବୈଠକ

ସମ୍ବଲପୁର, ୩।୩ (ବ୍ୟୁରୋ): ସମ୍ବଲପୁର ହୀରାକୁଦ ଜଗନ୍ନାଥ ମନ୍ଦିର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ମାସିକ ଖର୍ଚ୍ଚ ବିଷୟରେ ଏଥିରେ ଆଲୋଚନା ହୋଇଥିଲା । ଏଥିସହ ଦୋଳଯାତ୍ରା ଉତ୍ସବକୁ ଆକର୍ଷଣୀୟ କରାଯିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ । ସାଧାରଣ ସମ୍ପାଦକ ଜଗତଜୀବନ ପ୍ରହରାଜ, କୋଷାଧକ୍ଷ ରବୀନ୍ଦ୍ରନାଥ ପଣ୍ଡା ଓ ସଞ୍ଜୟ ଦାଶ, ସୁଶୀଲ ପ୍ରଧାନ, ବିନୟ ରାଉତରାୟ, ଉମାଶଙ୍କର ଗୌଡ, କସ୍ତୁରବା ମହିଳା ସମିତି ସମ୍ପାଦିକା ଗୀତା ସାହୁ ଆଲୋଚନାରେ ଭାଗ ନେଇଥିଲେ।

### କ୍ରୀଡା ପ୍ରତି ଏସ୍‌ୟୁ ଉଦାସୀନ

ସମ୍ବଲପୁର,୩।୩(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) କର୍ତ୍ତୃପକ୍ଷ କ୍ରୀଡାପ୍ରତି ଉଦାସୀନ ରହୁଛନ୍ତି। ଏହାଦ୍ୱାରା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିପାରି ନାହିଁ। କେବଳ ମହିଳା ହକି ଦଳ ଉପବିଜେତା ହୋଇ ବିଶ୍ୱବିଦ୍ୟାଳୟ ଲାଗି ସମ୍ମାନ ଆଣିଛନ୍ତି। ଅନ୍ୟ ପ୍ରତିଯୋଗିତାରେ ଏସ୍‌ୟୁକୁ ସଫଳତା ମିଳିନି। ଏହି ଧାରା ଆଗକୁ ରହିଲେ କ୍ରୀଡା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ନାମ ହଜିଯିବ। କର୍ତ୍ତୃପକ୍ଷ ଜଣେ କ୍ରୀଡା ଅଧିକାରୀଙ୍କୁ ନିଯୁକ୍ତି ଦେବା ଜରୁରୀ। ସମ୍ବଲପୁର ସନ୍ତରଣ ସଂଘ ଉପସଭାପତି ଡ. ବିଜୟ କୁମାର ପ୍ରଧାନ, ସଭ୍ୟ ପ୍ରେମରଞ୍ଜନ ପ୍ରଧାନ, ବର୍ଷୀୟାନ କ୍ରୀଡା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ, ଓମି ଅଗ୍ରୱାଲ, କ୍ରୀଡା ପ୍ରଶିକ୍ଷକ ସାହେବ ଖମାରୀ, ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ଅମୂଲ୍ୟ ମିଶ୍ର, ଉପସଭାପତି ରାଜୀବ ବିଶ୍ୱାସ, ଜାତୀୟ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଏହା କହିଛନ୍ତି ।

### ଅମୃତଧାରା ଯୋଜନାରେ ସଂଯୋଗ ଦାବି

ସମ୍ବଲପୁର, ୩।୩ (ବ୍ୟୁରୋ): କୁଲୁଥକାନୀ ନାଗରିକ କମିଟି ବୈଠକ ଗୋଷ୍ଠୀ କେନ୍ଦ୍ର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ବହୁ ଅଞ୍ଚଳକୁ ଡ୍ରେନ୍ ସୁବିଧା ହୋଇନାହିଁ। ସେହିପରି ବିଭିନ୍ନ ଘରଗୁଡିକୁ ଅମୃତ ଧାରା ଯୋଜନାରେ ସଂଯୋଗ କରାଯାଇ ନାହିଁ । ଏଥିସହ ଏହି ଅଞ୍ଚଳରେ ଇକୋ ପାର୍କ ନିର୍ମାଣ କରିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ। ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। କମିଟି ସଭାପତି ବଦ୍ରିନାରାୟଣ ନାଥ ଶର୍ମାଙ୍କ ଅଧକ୍ଷତାରେ ସଭା ବସିଥିଲା । ଧରଣୀଧର ପ୍ରଧାନ, ସୁରେନ୍ଦ୍ର ମୋହନ ପୁରୋହିତ, ପ୍ରଭାକର ମହାପାତ୍ର, ସୁରଥ ବାଗ, ଅନିଲ କୁମାର ତ୍ରିପାଠୀ, ଉଦିତ କୁମାର ପାଢ଼ଯୋଶୀ, ଦୁର୍ଗାମାଧବ ପାଢ଼ୀ, ପ୍ରକାଶ ମିଶ୍ର, ଅନୁପ ସିଂଦେଓ, ଅରବିନ୍ଦ ନାୟକ ଆଲୋଚନାରେ ଭାଗ ନେଇଥିଲେ।

## ଚାଷୀଙ୍କ ସହ ଜିଲାପାଳଙ୍କ ଆଲୋଚନା ବିଫଳ

ସମ୍ବଲପୁର,୩।୩ (ବ୍ୟୁରୋ)

ଟୋକନ ବ୍ୟବସ୍ଥାକୁ ବିରୋଧ କରି ସମ୍ବଲପୁର ସଦର ସବ୍ ଡିଭିଜନରେ ଥିବା ୨୨ଟି ପ୍ୟାକ୍ସରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଷୀ ତାଲା ପକାଇଦେଇଛନ୍ତି। ମଙ୍ଗଳବାର ପୁଣି କୁଲୁଣ୍ଡି ଲ୍ୟାମ୍ପକୁ ମଧ ମୁଣ୍ଡେନପାଲି ଓ ଖର୍ସନମାଳ ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଅନ୍ୟପଟେ ଜିଲା କୃଷକ ସଂଗଠନ ସଦସ୍ୟଙ୍କ ସହ ଜିଲାପାଳ ଶୁଭମ୍ ସକ୍‌ସେନା ଆଲୋଚନା କରିଛନ୍ତି । ହେଲେ ଚାଷୀମାନେ ନିଜ ଦିଜରେ ଅଟଳ ରହିଛନ୍ତି । ପ୍ରଶାସନ ଏହି ସମସ୍ୟାର ସମାଧାନ କରି ପାରିବ ନାହିଁ। ସଚିବ ସ୍ତରରେ ଆଲୋଚନା ହେବା ଆବଶ୍ୟକ ରହିଛି । ସେମାନଙ୍କ ପାଖରେ ଟୋକନରେ ବାସ୍ତବ ସମସ୍ୟା କ'ଣ ତାହା ରହିଛି । ତାହାର ସମାଧାନ କିଭଳି ହେବ ସେନେଇ ଚାଷୀ ପକ୍ଷ ରଖିବ। ତାହା ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବାର ସମ୍ଭାବନା ରହୁଛି ବୋଲି ଜିଲାପାଳଙ୍କୁ ଚାଷୀନେତା କହିଥିବା ଆବାହକ ଅଶୋକ ପ୍ରଧାନ କହିଛନ୍ତି।

## ହୋଲିରେ ମଦ ଦୋକାନ ବନ୍ଦ



ମଙ୍ଗଳବାର ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଶାନ୍ତି କମିଟି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

ସମ୍ବଲପୁର, ୩।୩ (ବ୍ୟୁରୋ)

ହୋଲି ଉତ୍ସବ ଶାନ୍ତି କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ହୋଲି ଉତ୍ସବ କିପରି ସୁରକ୍ଷିତ ଓ ଶାନ୍ତି ଶୃଙ୍ଖଳାରେ ପାଳିତ ହେବ ସେ ନେଇ ଆଲୋଚନା ହୋଇଥିଲା । ଏହି ଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହ ସ୍ୱାସ୍ଥ୍ୟ, ସଫେଇ, ପାନୀୟ ଜଳ, ଅଗ୍ନିଶମ ବିଭାଗ ଅଧିକାରୀମାନେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧକ୍ଷତାରେ ବୈଠକ ବସିଥିଲା । ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଓ ଡେପୁଟି କଲେକ୍ଟର ବିନୋଦ ବିହାରୀ ଦାଶ ବିଭିନ୍ନ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

## ଯୋଗ ଦେଉ ନାହାନ୍ତି ଡିଆଇପିଆରଓ

### ସତ ପିଛରେ ଲୁଚିଛି ରହସ୍ୟ

ସମ୍ବଲପୁର.୩।୩(ବ୍ୟୁରୋ)

ସମ୍ବଲପୁର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ହେମନ୍ତ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ୨ ମାସ ବିତିଯାଇଥିଲେ ମଧ ସେ ଯୋଗ ଦେଇ ନାହାନ୍ତି। ତାଙ୍କୁ ମାଉଜର ଦେଖାଇ ଆକ୍ରମଣ କରାଯାଇଛି। ଭୟଭୀତ କରି ସମ୍ବଲପୁର ଛାଡି ଚାଲିଯିବାକୁ ଧମକ ଦିଆଯାଇଛି। ଏଣୁ ସେ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି। କ୍ଷେତରାଜପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ସେ କହିଛନ୍ତି। ହେଲେ ପୋଲିସ ପାଖରେ ଅଭିଯୋଗ କରି ନାହାନ୍ତି। ଏହା ସହ ଜିଲାପାଳ ଶୁଭମ ସକସନାଙ୍କୁ ମଧ ଏ ନେଇ ସୂଚନା ଦେଇ ନାହାନ୍ତି। ଏ ସମ୍ପର୍କରେ ସୂଚନା ଦେଇ ହେମନ୍ତ କହିଛନ୍ତି ଯେ, ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସାରିଛନ୍ତି। ପୋଲିସ ପାଖରେ ଅଭିଯୋଗ କରିବାର କିଛି ଆବଶ୍ୟକ ନାହିଁ। ହେଲେ ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି ଯେ, ଏହି ଘଟଣା ଶୁଣିବାକୁ ମିଳୁଛି। ହେଲେ ଅଭିଯୋଗ ହୋଇ ନାହିଁ। ଯଦି ସେ ଚାହିଁବେ ତେବେ ଅନଲାଇନ ମାଧମରେ ମଧ ଅଭିଯୋଗ କରିପାରିବେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବ। ଏ ସମ୍ପର୍କରେ ଜିଲାପାଳ ସକସେନାଙ୍କ ସହ ଆଲୋଚନା କରାଯାଇଛି। ଜିଲା ପ୍ରଶାସନ ହେମନ୍ତଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବ। ଦିନ ଦିପହରେ ଜଣେ ଜିଲାସ୍ତରୀୟ ଅଧିକାରୀଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରିବା ଭଳି ଘଟଣାକୁ ପୋଲିସ ଗୁରୁତର ସହ ନେଇଛି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟଙ୍କ ଡିସେମ୍ବର ୩୧ ତାରିଖ ବଦଳି ହୋଇଛି। ତାଙ୍କ ସ୍ଥାନରେ ଢେଙ୍କାନାଳରେ କାର୍ଯ୍ୟରତ ହେମନ୍ତ ନାଏକଙ୍କୁ ସମ୍ବଲପୁରରେ ନିଯୁକ୍ତି ମିଳିଛି। ହେଲେ ଫେବୃୟାରୀ ମାସ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ନ ଦେବାରୁ ହେମନ୍ତଙ୍କୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଏହି ନୋଟିସ ପରେ ସେ ଫେବୃୟାରୀ ୨୦ରେ କାର୍ଯ୍ୟରେ ଯୋଗ ଦେବାକୁ ଆସି ପୁଣି ଚାଲି ଯାଇଥିଲେ। ଫେବୃୟାରୀ ୨୬ରେ ଭୁବନେଶ୍ୱରର ଏକ ବୈଠକରେ ଯୋଗଦେଇ ସମ୍ବଲପୁର ଫେରୁଥିଲେ। ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଷ୍ଟେଶନରୁ ଓହ୍ଲାଇ କାର୍ଯ୍ୟାଳୟକୁ ଆସୁଥିଲେ। ହେଲେ ଅଫିସର ଅତି ନିକଟରେ ତାଙ୍କୁ ୪ରୁ ୫ ଜଣ ଯୁବକ ମାଉଜର ଦେଖାଇ ଅପହରଣ କରି ନେଇ ମାରପିଟ କରି ଭୟଭୀତ କରିଥିଲେ। ସାଧା କାଗଜରେ ଦସ୍ତଖତ କରାଇ ଛାଡି ଦେଇଥିଲେ ବୋଲି ସେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ଅବଗତ କରିଥିବା କହିଛନ୍ତି।

## ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଧାରଣା

ସମ୍ବଲପୁର, ୩।୩ (ବ୍ୟୁରୋ)

ବିଏସଏନଏଲ କାଜୁଆଲ କର୍ମଚାରୀ ସଂଘ ୪ଦଫା ଦାବି ନେଇ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ଧାରଣା ଦେଇଥିଲେ। ଆନ୍ଦୋଳନକାରୀ ସମ୍ବଲପୁର କଚେରି ଛକ ନିକଟସ୍ଥ ବିଏସଏନଏଲ ଅଫିସ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିକ୍ଷୋଭ ମଧ କରିଥିଲେ । ଦୀର୍ଘ ମାସ ହେବ କର୍ମଚାରୀମାନଙ୍କ ଦରମା ବକେୟା ରହିଛି । ତେଣୁ ବକେୟା ଦରମା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ । ସଂଘ କର୍ମକର୍ତ୍ତା ବିଶ୍ୱନାଥ ବେହେରା, ସୁରେଶ ବଢ଼େଇ, ନିରଞ୍ଜନ ତାଣ୍ଡି, ନିରାକର ସାହାସିଆ, ଭଗତ ସିଂ, ଲକ୍ଷ୍ମଣ ପ୍ରଧାନ, ଏକାଦଶିଆ ମହାପାତ୍ର, ଫଗୁନ ବାଗ, କେଶବ ଭୋଇ, ଶ୍ରୀମନ୍ତ ସୁନାରୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।




ମଙ୍ଗଳବାର ସମ୍ବଲପୁର ବିଏସଏନଏଲ ଅଫିସ ସମ୍ମୁଖରେ କାଜୁଆଲ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

## ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ



ସମ୍ବଲପୁରରେ ଏବିଭିପି ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଉଛି ।

ସମ୍ବଲପୁର, ୩।୩ (ବ୍ୟୁରୋ)- ଓଡିଶା ଉଚ୍ଚ ମାଧମିକ ବିଦ୍ୟାଳୟ ତଥା ଯୁକ୍ତ ୨ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଛି । ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ରମାନେ ମାତୃଭାଷା ପରୀକ୍ଷା ଦେଇଥିଲେ । ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିବା ସେହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଗଙ୍ଗାଧର ମେହେର ଉଚ୍ଚ ମାଧମିକ ସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସରକାରୀ ମହିଳା କଲେଜଠାରେ ଏବିଭିପିର ରାଜା ଦଲପତ, ସୌମ୍ୟରଞ୍ଜନ ବଡପଣ୍ଡା, ଯତିନ ଦ୍ୱାରି, ଶ୍ୱେତାଂଶୁ ବରେଇ, ଅଭିଲାଷ ମେହେର, ରଞ୍ଜନ ବିଶ୍ୱାଳ, ଅନୁପମା ସେଠ, ସ୍ମିତପ୍ରଜ୍ଞା ପୁରୋହିତ, ପଦ୍ମଶ୍ରୀ ଖଟେଇ, ଲଳିତ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

## ରାଗରୁଷା ଛାଡ଼ି ଏକାଠି ହେଲେ ନେତା, କର୍ମୀ

### ବିଜୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୩।୩ (ବ୍ୟୁରୋ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଆସନ୍ତା ୫ ତାରିଖରେ ପାଳନ ହେବ। ଏହାକୁ ନେଇ ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଏକ ଜରୁରୀ ବୈଠକ ମଙ୍ଗଳବାର ଶାନ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି ବୈଠକ ଟିକେ ନିଆରା ଥିଲା। ଏଥିରେ ରାଗରୁଷା ଛାଡି ବିଜେଡିର ସମସ୍ତ ନେତା ଓ କର୍ମକର୍ତ୍ତା ଏକାଠି ହୋଇଥିଲେ। ଏହାକୁ ନେଇ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ଏପରିକି ଅନ୍ୟ ରାଜନୈତିକ ଦଳ ମନରେ ଛନକା ପଶିଛି। ଦଳ ଏଭଳି ଭାବେ ଏକତ୍ରିତ ହୋଇ କାମ କଲେ ଆଗାମୀ ମହାନଗର ନିଗମ ନିର୍ବାଚନରେ ଅନ୍ୟଦଳ ପାଇଁ ଭାରି ପଡିବ ବୋଲି ଚର୍ଚ୍ଚା ହେଉଛି। ୫ ତାରିଖ ସକାଳ ୯ଟାରେ ରେମେଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଭିନ୍ନ ସ୍ଥାନରେ ସଭା କରାଯିବ । ବିଜେଡି ୨୦ ବର୍ଷ ଶାସନରେ କ'ଣ ଉପଲବ୍ଧି କରିଛି, ଲୋକମାନଙ୍କ ପାଇଁ କ'ଣ ମହତ୍ ଯୋଜନା କରାଯାଇଛି ସେନେଇ ସଚେତନ କରାଯିବ। ଆବାସ ଯୋଜନା ପାଇବା ପାଇଁ ଗ୍ୟାରେଣ୍ଟି କାର୍ଡ ପ୍ରଦାନ କରାଯିବ। ଫଳରେ ଜଣେ ଲୋକ ଘର ପାଇବା ପାଇଁ ଆଉ କେଉଁଠିକୁ ଧାଇଁବାକୁ ପଡିବ ନାହିଁ। ଠକେଇର ଶିକାର ହେଇ କାହାକୁ ଲାଞ୍ଚ ଦେବାକୁ ପଡିବ ନାହିଁ ବୋଲି କୁହାଯାଇଛି। ଦଳୀୟ ନେତାମାନଙ୍କୁ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ୮ ତାରିଖ ବିଶ୍ୱ ମହିଳା ଦିବସ ଅବସରରେ ଏକ ବିଶାଳ ସମାବେଶ କରିବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ହୀରାଲାଲ ବେହେରା, ଗୋକୁଳ ମେହେର, ଆର୍ତ୍ତତ୍ରାଣ ମିଶ୍ର, ପ୍ରମୋଦ ରଥ, ଆନନ୍ଦ ଜେନା, ଅଶୋକ ସେନାପତି, ରାଜଲକ୍ଷ୍ମୀ ପ୍ରଧାନ, ସିଦ୍ଧାର୍ଥ ସାହା, ପ୍ରଫୁଲ୍ଲ ଦାସ, ମଞ୍ଜୁ ଦାସ, ଦେବେନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।



ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଦଳୀୟ ନେତୃବୃନ୍ଦ।

## ଫଟୋରେ ଖବର



ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା କଲେଜ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀମାନେ ଫେରୁଛନ୍ତି ।




ସମ୍ବଲପୁର ରେଞ୍ଜ ଅଫିସ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀ ସଂଘ ମହିଳାମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଏସିଏଫ ସମ୍ବାରୁ ଜାନୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ...

### ଅଟୋ-ବାଇକ୍ ଧକ୍କାରେ ୨ ଗୁରୁତର

ଧମା, ୩।୩ (ଡି.ଏନ.ଏ.)
ଧମା ଥାନା ଅନ୍ତର୍ଗତ ଦଶପୁର ଛକରେ ମଙ୍ଗଳବାର ଅପରାହ୍ଣରେ ଏକ ଅଟୋ ଏବଂ ବାଇକ ମଧରେ ଧକ୍କା ହେବାରୁ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ସତ୍ୟ ବାରିକ (୬୦) ଏବଂ ଝସକେତନ ମେହେର (୨୫) । ଧମା ପୋଲିସ ଉଭୟଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଛି। ଅପରାହ୍ଣ ୫ଟା ବେଳେ ହୁମା ଛକରୁ ବାଇକ (ନଂ. ଓଡି ୧୫ ବି- ୩୪୭୭)ରେ ସତ୍ୟ ସମ୍ବଲପୁର ଯାଉଥିଲେ। ଏହି ସମୟରେ ଅଟୋ (ନଂ. ଓଡି ୧୫ ଏଲ- ୫୬୧୦)ରେ ଝସକେତନ ଧମା ଆସୁଥିଲେ। ହେଲେ ଦଶପୁର ଛକରେ ଉଭୟଙ୍କ ମଧରେ ଧକ୍କା ହୋଇଥିଲା।

### କତରବଗା ସେବା ସମବାୟରେ ତାଲା ମାରିଲେ ଚାଷୀ

ରେଙ୍ଗାଲି, ୩।୩ (ଡି.ଏନ.ଏ)
ରେଙ୍ଗାଲି ବ୍ଲକ କତରବଗା ସେବା ସମବାୟକୁ ମଙ୍ଗଳବାର ଗଡପଟିଏନ ଚାଷୀ ସଂଗଠନ ତାଲା ପକାଇ ଦେଇଛି। ଚଳିତ ଖରିଫ ଋତୁରେ ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ବିରୋଧ କରି ଏଭଳି ନିଷ୍ପତ୍ତି ନିଆଯାଇଛି। ଟୋକନ ବ୍ୟବସ୍ଥା କରିବା ଦ୍ୱାରା ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜିଲା କୃଷକ ସଂଗଠନ ଡାକରା କ୍ରମେ ଚାଷୀମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ କତରବଗା ସେବା ସମବାୟ ସମିତିକୁ ତାଲା ପକାଇଛନ୍ତି । ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ତାଲା ପଡିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ଜରିମାନା ଦେଇ ମୁକୁଳିଲା ଜେସିବି, ୪ ଟ୍ରାକ୍ଟର

ଜମନକିରା, ୩। ୩ (ଡି.ଏନ୍.ଏ)
ସମ୍ବଲପୁର ଜିଲା ଜମନକିରା ତହସିଲ ଅଧୀନ ଗୁଣ୍ଡୁରୁଚୁଆଁ ଗାଁ ନିକଟରୁ ବେଆଇନ ଭାବେ ମାଟି ଉଠାଉ ଥିବା ବେଳେ ଗୋଟିଏ ଜେସିବି ଓ ୪ଟି ଟ୍ରାକ୍ଟର ୩୦,୪୫୦ ଟଙ୍କା ଜରିମାନା ଗଣିଛନ୍ତି। ରାଜସ୍ୱ ବିଭାଗ ଚଢ଼ାଉ କରି ଜରିମାନା କରିଛି। ହେଲେ ଜରିମାନା ଆଦାୟ କରି ଗାଡ଼ି ଗୁଡ଼ିକୁ ଛାଡ଼ି ଦିଆଯାଇଛି। ଜମନକିରା ଅତିରିକ୍ତ ତହସିଲଦାର ଗୋପିନାଥ ଖାଖାଙ୍କ ନିର୍ଦ୍ଦେଶକ୍ରମେ ଗୁଣ୍ଡୁରୁଚୁଆଁ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ଆରଟିଓ ଅଫିସରୁ ୨ ଦଲାଲ ଗିରଫ

ସମ୍ବଲପୁର ୩। ୩ (ବ୍ୟୁରୋ)
ସମ୍ବଲପୁର ଆର୍‌ଟିଓ ଅଫିସରୁ ମଙ୍ଗଳବାର ଦୁଇଜଣ ଦଲାଲଙ୍କୁ ପୋଲିସ୍ ଗିରଫ କରିଛି। ସେମାନେ ହେଲେ ଅଇଁଠପାଲି ଥାନା ଅଧୀନ ସହଯୋଗ ନଗରର ଶିବ ଶଙ୍କର ମହାରଣା (୩୮)ଓ ଧନୁପାଲି ଥାନା ଅଧୀନ ଫରେଷ୍ଟ କଲୋନୀର ଶେଖ୍ ଆସଫ୍ ଉଦ୍ଦିନ (୨୫)।

# ଧାରଣା ସରିଲା, ଏବେ ରାସ୍ତା ଅବରୋଧ

**ଜମନକିରା/ରେଢାଖୋଲ/କୁଚିଣ୍ଡା/ ନାକଟିଦେଉଳ, ୩।୩ (ଡି.ଏନ୍.ଏ.)**

କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ପ୍ରତି ସରକାର ଅନ୍ୟାୟ କରୁଛନ୍ତି। ଏହା ବିରୋଧରେ ସୋମବାର ଓ ମଙ୍ଗଳବାର ୨ ଦିନ ଧରି ବିଭିନ୍ନ ରେଞ୍ଜ ଅଫିସ ଆଗରେ ଧାରଣା ଦିଆଯାଇଛି। କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଏଥିରେ ସାମିଲ ହୋଇ ସେମାନଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ ନ କଲେ ଓ ସମସ୍ୟା ସମାଧାନ ନ କଲେ ମାର୍ଚ୍ଚ ୧୧ରେ ରାସ୍ତା ରୋକ କରିବାକୁ ଚେତାବନୀ ଦେଇଛନ୍ତି। ଜମନକିରା ବ୍ଲକ୍ ଭୋଜପୁର କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶ୍ରମିକ ନେତା ତଥା ସଂଘ ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ରେଢାଖୋଲ କେନ୍ଦୁପତ୍ର ଡିଭିଜନ ଅଧୀନ ଚାରମାଳ, ମୋଚିବାହାଲ, ବହଳପଦର, କିସିଣ୍ଡା, କଦଳୀଗଡ, ବଂଶାଜାଲ ରେଞ୍ଜ କାଯ୍ୟାଳୟ ସମେତ ଡିଭିଜନ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ଡିଭିଜନ ସଂପାଦକ କିଶୋର କୁମାର ପ୍ରଧାନ, ଯୁଗ୍ମ ସଂପାଦକ ଉଦିତ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷା ଗୋଲାପି ସାହୁ ପ୍ରମୁଖ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କାର୍ତ୍ତିକ ପ୍ରଧାନ, ତୀର୍ଥ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ନିଳାଦ୍ରୀ ପ୍ରଧାନ ପ୍ରମୁଖ କର୍ମଚାରୀଙ୍କ ସହ ସାମିଲ ହୋଇଥିଲେ। କୁଚିଣ୍ଡାରେ କୀର୍ତ୍ତନ ସେନାପତି, ସମ୍ପାଦିକା ପଦ୍ମାବତୀ କିସାନ କରୁଣାକର କିସାନଙ୍କ ସମେତ ଶତାଧିକ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ। ନାକଟିଦେଉଳ ରେଞ୍ଜ କର୍ଯ୍ୟାଳୟରେ କେନ୍ଦୁପତ୍ର ରେଞ୍ଜ ଅଫିସର ହେଡ଼ଚେକର ଅଖୁଜ ପ୍ରଧାନ, ସଂଘର ନାକଟିଦେଉଳ ରେଞ୍ଜ ସଂପାଦକ ଭିକାରୀ ଚରଣ ପ୍ରଧାନ, ସହ ସଂପାଦକ କପିଳେଶ୍ୱର ଧଳ, ସର୍କଲ ଚେକର ତ୍ରିନାଥ ସାହୁ, ଚକ୍ରଧର ପ୍ରଦାନ, ନିଶା ଷଣ୍ଢ, ପବିତ୍ର ମୋହନ ପ୍ରଧାନ, କୁଶଧର ସାହୁ, ବିଭୁତି ଭୂଷଣ ବିଶି, ନରୋତ୍ତକକେକପମ ସାହଙ୍କ ସମେତ ଶତାଧିକ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ ଏବଂ ୱାଚର ସାମିଲ ହୋଇଥିଲେ। ଶିମିଳିପାଳ ଏବଂ କିସିଣ୍ଡା କେନ୍ଦୁପତ୍ର ରେଞ୍ଜ ଅଫିସ ସମ୍ମୁଖରେ ମଧ ଧାରଣା ଦିଆ ଯାଇଥିଲା।






ଜମନକିରାରେ ଧାରଣାରେ ବସିଥିବା କେନ୍ଦୁପତ୍ର କର୍ମଚାରୀଙ୍କୁ ଶ୍ରମିକନେତା ଉଦ୍‌ବୋଧନ ଦେଉଛନ୍ତି(ବାମ) । ନାକଟିଦେଉଳ କେନ୍ଦୁପତ୍ର କର୍ମଚାରୀମାନେ ଧାରଣାରେ ବସିରହିଛନ୍ତି।






ରେଢ଼ାଖୋଲରେ କେନ୍ଦୁପତ୍ର କର୍ମଚାରୀମାନେ ଦାବି ପୂରଣ ପାଇଁ ଧାରଣା ଦେଇଛନ୍ତି (ବାମ)। କୁଚିଣ୍ଡାରେ କେନ୍ଦୁପତ୍ର କର୍ମଚାରୀ ହକ୍ ହାସଲ ପାଇଁ ଧାରଣା ଦେଇଛନ୍ତି।

## ଧମା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ କଲ୍ୟାଣ ସମିତି ବୈଠକ

**ଧମା, ୩।୩ (ଡି.ଏନ.ଏ)**

ସ୍ଥାନୀୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ରୋଗୀକଲ୍ୟାଣ ସମିତିର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ସଭ୍ୟ ତଥା ସମିତିର ଅଧକ୍ଷ ସତ୍ୟନାରାୟଣ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଡିଓ ଚିନ୍ମୟୀ କହଁର, ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ରାଜେଶ ବାବୁ, ଧମା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୁନିତା ସ୍ୱାଇଁ ଓ ଅନ୍ୟାନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ରହି ଧମା ଡାକ୍ତରଖାନାରେ ଥିବା ବିଭିନ୍ନ ଆବଶ୍ୟକତା ଓ ଅସୁବିଧା ଉପରେ ଆଲୋଚନା କରିଥିଲେ । ଧମା ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣି ଓ ବିଜୁଳି ସମସ୍ୟା, ପ୍ରସୂତି କକ୍ଷ, ରୋଗୀ ରହିବା କକ୍ଷ, ସ୍ୱାସ୍ଥ୍ୟ କର୍ମଚାରୀ ରହିବା କକ୍ଷ ଓ ଅନ୍ୟାନ୍ୟ ସମସ୍ୟା ଉପରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଶେଷରେ ସ୍ୱାସ୍ଥ୍ୟ ସୁପରଭାଇଜର ତେଜରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଧମା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ କଲ୍ୟାଣ ସମିତି ବୈଠକ ବସିଛି।

## କେନାଲ କାମରେ ଅନିୟମିତତା, ବିରୋଧ କଲେ ଗ୍ରାମବାସୀ

**ଜମନକିରା, ୩। ୩ (ଡି.ଏନ୍.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅଧୀନ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ବିଭାଗ (ଏମ୍‌ଆଇପି) ପକ୍ଷରୁ ଜମନକିରା ବ୍ଲକ୍ ସଦର ମହକୁମାର ମୁଖ୍ୟ କେନାଲ କାମ ଚାଲିଛି। ହେଲେ ଏଥିରେ ଅନିୟମିତତା ଦର୍ଶାଇ ଖଇରଡିହି ଗ୍ରାମବାସୀ କାମକୁ ବିରୋଧ କରି ବନ୍ଦ କରି ଦେଇଛନ୍ତି। ବିଭାଗ ଅଧିକାରୀ ଆସି କାମ ତଦାରଖ କରିବା ପରେ ଯାଇ କାମ ଆରମ୍ଭ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ କୁଚିଣ୍ଡା ସହକାରୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଲୋକଙ୍କ ଅଭିଯୋଗକୁ ସ୍ୱୀକାର କରିଛନ୍ତି। କନିଷ୍ଠଯନ୍ତ୍ରୀ ଯାଇ କାମ ତଦାରଖ କଲାପରେ କାମ କରାଯିବ। ଯଦି କାମରେ ତ୍ରୁଟି ପରିଲିଖିତ ହୁଏ, ସେହି କାମକୁ ଭାଙ୍ଗି ପୁନର୍ବାର କରାଯିବ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଜମନକିରା ମୁଖ୍ୟକେନାଲ ଖଇରଡିହି ସ୍ଥିତ ନାଲାରୁ ଜମନକିରା ତଥା କୋଆଗୋଳା ଗାଁ ଅଞ୍ଚଳର ଚାଷ ଜମିକୁ ଜଳ ସେଚନ କରାଯାଇଥାଏ। ଏହି କେନାଲ ପ୍ରକଳ୍ପଟି କୁଚିଣ୍ଡା ଏମ୍‌ଆଇପି ବିଭାଗ ଅଧୀନରେ ରହିଛି। କେନାଲ କାମ ପାଇଁ ବିଭାଗ ପକ୍ଷରୁ ୨୦ ଲକ୍ଷ ବ୍ୟୟ ଅଟକଳରେ ଏବେ କାମ ଆରମ୍ଭ ହୋଇଛି। ତେବେ କାମରେ ଅନିୟମିତତା ହୋଇଥିବା ନେଇ ଖଇରଡିହି ଗ୍ରାମବାସୀ ଅଭିଯୋଗ କରି କାମକୁ ବନ୍ଦ କରିଛନ୍ତି। କାମ ହେବା ପୂର୍ବରୁ ନିୟମ ଅନୁଯାଇ ସୂଚନା ଫଳକ ଜରିଆରେ କାମର ସମ୍ପୂର୍ଣ୍ଣ ବିବରଣୀ ଲିଖିତ ରହିବା କଥା। ମାତ୍ର ସୂଚନା ଫଳକ ତିଆରି ହୋଇଥିବା ସତ୍ତ୍ୱେ ଫଳକରେ କିଛି ସୂଚନା ଲେଖା ଯାଇ ନ ଥିବା ଦେଖାଯାଇଛି। କାମରେ ସିମେଣ୍ଟ, ବାଲି, ଗୋଡ଼ିର ମିଶ୍ରଣ ଠିକ ନ ଥିବା ବେଳେ ପ୍ଲାନିଂ ଅନୁଯାଇ କାମ ହେଉ ନ ଥିବା ଅଭିଯୋଗ ହେଉଛି। ତଳ ବେସ୍ ହେବା ପରେ ସାଇଡ଼ କାନ୍ଥ ବେସ୍ ଉପରେ ହେବାକୁ ନିୟମ ଥିବା ବେଳେ ସଂପୃକ୍ତ ଠିକାଦାର ସଂସ୍ଥା ବେସ୍ ଉପରେ ନ କରି ସାଇଡ଼ ମାଟି ଉପରେ କାନ୍ଥକୁ ଠିଆ କରୁଥିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। କାମ ଆରମ୍ଭ ହେବା ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କାମ କରିବା ପାଇଁ ନୀତି ନିୟମ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କାମ କରାଯାଉଥିବା ଯୋଗୁ କାମ ଠକ୍‌ରେ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନେ ସଂପୃକ୍ତ ଠିକାଦାରଙ୍କୁ କାମ ଠିକ୍ ହେଉ ନ ଥିବା ଅଭିଯୋଗ କରିଥିଲେ ମଧ୍ୟ ଠିକାଦାର ନ ଶୁଣି କାମ କରିଚାଲିଥିଲେ। ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ସହକାରୀଯନ୍ତ୍ରୀ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାମକୁ କନିଷ୍ଠଯନ୍ତ୍ରୀ ତଦାରଖ କଲାପରେ ଯାଇ କାମ କରାଯିବ ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି। ହେଲେ ବିଭାଗ ପକ୍ଷରୁ କେହି କାମ ତଦାରଖ କରିବାକୁ ଆସି ନ ଥିବା ଯୋଗୁଁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



କେନାଲ୍ କାମ ଚାଲିଛି।

## ମଧୁପୁରକୁ ହରାଇଲା ପୁରୁଣାଗଡ

### ଲିପୁ ମେମୋରିଆଲ କ୍ରିକେଟ

**ରେଢାଖୋଲ,୩।୩(ଡି.ଏନ.ଏ.)**

ରେଢାଖୋଲ ଶୁଣ୍ଢିମୁଣ୍ଡା ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୨ୟ ଲିପୁ ମେମୋରିଆଲ କ୍ରିକେଟରେ ପୁରୁଣାଗଡ ଦଳ ଚାମ୍ପିୟନ ହୋଇଛି। ଗତ ୨୩ ତାରିଖଠାରୁ ଚାଲିଥିବା ଖେଳରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ମଧୁପୁର ଓ ପୁରୁଣାଗଡ କ୍ରିକେଟ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ମଧୁପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୁଣାଗଡ ଦଳ ୭ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବଂଶାଜାଲ ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ ମୁଖ୍ୟ ଅତିଥି ଓ ଶୁଣ୍ଢିମୁଣ୍ଡା ଏସ୍‌ଏସ୍‌ଡି ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁଜିତ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ସଚିନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ସତୀଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଦଳର ସୁଧୀର ନାୟକ, କ୍ଷିତିଶ ନାୟକ, ରାଜେଶ ପ୍ରଧାନ, ପିଣ୍ଟୁ ବେହେରା, ଆଲୋକ ପ୍ରଧାନ, କ୍ଷୀରୋଦ ପୋଦ୍ଧ, ବିବେକ ନାୟକ, ଚିନ୍ମୟ ଦୀପ, ଅନିଲ ପୃଷ୍ଟି, ବଶିଷ୍ଠ ରାଉତ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

## ବସୁନ୍ଧରା, ଆବାସ ଯୋଜନାରୁ ବଁଚିତ୍ ମୋହନ

**ଅତାବିରା, ୩।୩ (ଡି.ଏନ୍.ଏ.)**

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା କାୟ୍‌କାରୀ କରୁଛନ୍। ସରକାରୀ ଯୋଜନା ଭଁଡ଼ାରରେ ଛୁଆ ଜନମ୍ ହେଲାନୁ ମଲା ଲୁକ୍‌କର ଶୁଧ୍ କାୟ୍ ତକ ସାହାୟ୍ ଦେବାର ବେବସ୍ତା ରହିଛେ। ହେଲେ ଆଏଜ୍ ବି ଆମର ରାଏଜେ ନିହାତି ଗରିବ୍ ଲୋକ୍ ପେଟ୍ ପାଟନାର ଲାଗି ନାନା ଦୁଖ୍ ଭୁଗୁଛନ୍। କିଏ ପେଟ୍‌ପାଟନା ଲାଗି ଦାଦନ ଯାଉଛେ ତ ଆର କିଏ ଜନମ୍ ମାଏଟ୍‌କେ ପର କରି ଉନିଆନେ ଯାଇ ରହୁଛେ। ସେନ୍‌ତା ଆରକେତେ ଗରିବ୍ ଦୁଖି ଜାଗାବାଡ଼ି ଅଭାବୁ କିଏ ବଁଧ୍ ଖଁଡ଼ିଥି ତ ଆର କିଏ କେନ୍ ନାଲ୍ ତରେ ସରକାରୀ ଜାଗାଥି କୁରିଆଟେ କରି ମୁଡ଼ ଗୁଁଜୁଛନ୍। ଏନ୍‌ତା ଝନେ ଦୁଖି ଲୋକ୍ ସଂଗେ ଭେଟ୍ ହେଇଥିଲା ବୁର୍ଲା ବଡ଼ ଡାକ୍‌ତରଖାନା ଯକ୍ଷ୍ମା ୱାର୍ଡ ସାମନାଥି। ସୂଚନା ଅନ୍‌ସାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂସାରିପାଲି ଗାଁର ମୂଳ ବାସିନ୍‌ଦା ମୋହନ ମେହେର(୩୫)। ପରିବାର କହେଲେ ମାଏକିନା ପଦ୍ମାବତୀ, ୪ ଝିଁ ଶ୍ରୁତୀ, ପ୍ରତି, ଇତି ଆର ଶ୍ରଦ୍ଧାକୁଁ ନେଇ ତାକର ସଁସାର। ମୋହନ ଝନେ ନିହାତି ଗରିବ୍ ଲୋକ୍। ଆଏଜ୍‌କେ ୫୦ ବଛର ତଲେ ପେଟ୍‌ପାଟନାର ଲାଗି ମୋହନଙ୍କଁର ବାପା ଜନମ୍ ମାଏଟ୍ ଛାଡ଼ି କୁଟୁମବସିଆ ବୁର୍ଲାକେ ପଲେଇ ଆସିଥିଲେ। ସେ କୁଲିମଜୁରି କରି ନିଜର କୁଟୁମ ପୁଷୁଥିଲେ। ମହୋନ ବଡ଼ ହେଲା ଉତାରୁ ବିହାବୁରା ହେଇ ଘର ସଁସାର କରିଛନ୍। ସେ ବୁର୍ଲା ଏନ୍‌ଏସିର ଗୌରପାଲି ମନ୍ଦିର ପଡ଼ାରେ ଗୁଟେ ସରକାରୀ ଜାଗାରେ କୁରିଆଟେ କରି କୁଟୁମବସିଆ ମୁଡ଼ ଗୁଁଜିଛନ୍। ପରିବାରଟା ସରକାରୀ ଯୋଜନାରେ ମାସିକ ୨୦ କେ.ଜି. ଚାଉଳ ଆର ୨ ଲିଟର କିରାସିନ ପାଉଛନ୍। ହେଲେ ରୟତି ଜାଗାବାଡ଼ି ଅଭାବୁ ସରକାରୀ ଯୋଜନାରେ ଘରଖଁଡ଼େ ପାଇ ନାଇଁପାରବାର ବଲି ସେ କହିଥିଲେ। ମୋହନ ଫିଁଦିନ ସଖାଲୁ ଭିମ୍‌ସାରର ଯକ୍ଷ୍ମା ୱାର୍ଡ ଆଘେ ଗୁଟେ ଠେଲା ଲଗଉଛନ୍। ସେ ଠେଲାରେ ମୁଢ଼ି ମିକ୍ସଚର, ପାଉଁରୁଟି, ବିସ୍କୁଟ, ଇଡ୍‌ଲି, ଚା’ ବିକୁଛନ୍। ମୋହନ୍ ୱାର୍ଡ ଆଘେ ପୁହୁଁଚି ପଡ଼ଲେ ରୁଗୀମାନକର ଲାଗେଲେସରମାନେ ଗଦ୍‌ଗଦ୍ ମନେ ତାକରନୁ ଜିନିଷ ନେବାର ଲାଗି ଲମ୍‌ବା ଧାଡ଼ିରେ ଠିଆ ହେଉଛନ୍। ଇ ଯକ୍ଷ୍ମା ୱାର୍ଡ ଆସେପାସେ କେହେନ୍‌ସି ଦୁକାନ ବଜାର ନାଁଇଁନ। ଯେନ୍‌ଦିନ ମୋହନ୍ କେହେନ୍‌ସି କାରନ୍‌ରୁ ନାଇଁ ଆସି ପାରବାର ରୁଗୀମାନକର ଲାଗେଲେସରମାନେ ବହୁତ୍ ହଇରାନ ହରକତ ହେଉଛନ୍। ମୋହନ ଫିଁଦିନ ଯାହା ରୁଜଗାର କରୁଛନ୍ ସେଥିରେ ତାକର ପରିବାର ଚଲବାର ସଂଗେ ଝିଁମାନକର ପାଠ୍‌ପଢ଼ା ଖରଚ୍ ତୁଲଉଥିବାର କହିଛନ୍। ହେଲେ ଅଭାବ ଅନାଟନ ସବୁବେଲେ ଲାଗି ରହୁଛେ, ହେଥିର ଲାଗି ଜାଗାବାଡ଼ି କି ଘରଦୁଆର ତିଆରି ନାଇଁପାରବାର। ସରକାରୀ ଯୋଜନାରେ ଡିହ ଖଁଡ଼େ ଆର ଘରଟେ ପାଏଲେ ମୋର ଦୁଖ୍ ଯାଏତା ବଲି ମୋହନ୍ କହିଥିଲେ।



ମୋହନ ଯକ୍ଷ୍ମା ୱାର୍ଡ ଆଘେ ନିଜର ଠେଲାରେ ବେପାର କରୁଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୪ ମାର୍ଚ୍ଚ, ୨୦୨୦



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ୍ୟ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



**ସଂକ୍ଷେପରେ...**

## ନିର୍ବାହୀ ଅଧିକାରୀ ବୋହିଲେ ମୃତଦେହ

ମନମୁଣ୍ଡା, ୩।୩ (ଡି.ଏନ.ଏ)
ଟ୍ରାକ୍ଟର ଦୁର୍ଘଟଣାରେ ମୃତ ପ୍ରଶାନ୍ତ ଦୀପ (୨୮)ଙ୍କ ପରିବାରବର୍ଗଙ୍କୁ ମଙ୍ଗଳବାର ବୌଦ୍ଧ ବ୍ଲକ ଶଗଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିଫ ନାଏକ ହରିଶ୍ଚନ୍ଦ୍ର ଯୋଜନାରୁ ୨୦୦୦ ଟଙ୍କା ଦେବା ସହ ମୃତଦେହକୁ କାନ୍ଧ ଦେଇ ଅନ୍ତିମ ସଂସ୍କାରରେ ସାମିଲ ହୋଇଛନ୍ତି । ତାଙ୍କର ଏହି କାର୍ଯ୍ୟକୁ ସରପଞ୍ଚ ବାସନ୍ତୀ ଦନ୍ତା, ସମାଜସେବୀ ରଞ୍ଜିତ ମହାକୁଡ, ଦୃତିକୃଷ୍ଣ ଦନ୍ତା ପ୍ରମୁଖ ପ୍ରଶଂସା କରିଛନ୍ତି। ପ୍ରକାଶଥାଉକି, ସୋମବାର ବାଲି ବୋଝେଇ ପାଇଁ ଟ୍ରାକ୍ଟରରେ ବସି ଯାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ପ୍ରଶାନ୍ତ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର ମନମୁଣ୍ଡା ସିଏଚସିରେ ମୃତଦେହ ବ୍ୟବଚ୍ଛେଦ ପରେ କହଁରପଡା ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା । ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ରାଶି ବିଡିଓ କିମ୍ବା ତହସିଲଦାରଙ୍କ ହାତରେ ପଠାଇବା ବ୍ୟବସ୍ଥା କରିବେ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର ଜଣାଇଛନ୍ତି ।

## ଗ୍ରୀଷ୍ମ ମୁକାବିଲା ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ବୌଦ୍ଧ,୩।୩(ସ୍ୱ.ପ୍ର)
ବୌଦ୍ଧ ଡିଆରଡିଏ ସମ୍ମିଳନୀ କକ୍ଷରେ ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ମଙ୍ଗଳବାର ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ସମନ୍ୱୟ କିମଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଜିଲା ପ୍ରକଳ୍ପ ଅଧିକାରୀ ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ଜରୁରୀକାଳୀନ ଅଧିକାରୀଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକର କର୍ମକର୍ତ୍ତା ଯୋଗ ଦେଇଥିଲେ । ଜିଲାପାଳ ମିଶ୍ର ବିଭାଗ ଅନୁସାରେ ସମସ୍ତଙ୍କ କାର୍ଯ୍ୟ ବିବରଣୀ ଅନୁଶୀଳନ କରିଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ କାର୍ଯ୍ୟରେ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ । ଗ୍ରୀଷ୍ମ ମୁକାବିଲା ପାଇଁ ଜରୁରୀକାଳୀନ ଭିତ୍ତିରେ ସମସ୍ତ ପଦାଧିକାରୀ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ । ବିଶେଷତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଜଳସେଚନ ଓ ବିଦ୍ୟୁତ୍ କ୍ଷେତ୍ରରେ ଯେପରି ଜନସାଧାରଣ ଅସୁବିଧା ନ ଭୋଗିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦରଖଁଡ଼ିଆ ହେଇ ପଡ଼ିଛେ ନୂତନ କୁଠା

**ଏପ୍ରିଲରୁ ମୂଳ ହେବା ମଡେଲ ସ୍କୁଲ**



ଦରଖଁଡ଼ିଆ ଅବସ୍ଥାରେ ବିଜେପୁର ମଡେଲ ସ୍କୁଲ କୁଠା।

ବିଜେପୁର, ୩।୩ (ଡି.ଏନ୍.ଏ.)
ଗାଁଗଁଲିର ମେଧାବୀ ପିଲାଙ୍କୁ ଉଚ ଧରନ୍‌ର ଶିକ୍ଷା ଦେବାକେ ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଥାପନା କରବାକେ ରାଏଜ୍ ସରକାର୍ ଯୋଜନା କରିଛନ୍। ଇଥିରଲାଗି ସରକାର ରାଜ୍‌କୋଷନୁ ପାଏନ୍ ମିତାର ଟଁକା ଖରଚ୍ କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନଙ୍କର ଉଦାସୀନତା ଲାଗି କେନ୍ଠାନେ କୁଠା ତ ଆର୍ କେନ୍ଠାନେ ଶିକ୍ଷକ୍ ସମସିଆ ରହିଛେ। ଏନ୍ତାଥି ସରକାରଙ୍କର ଇ ମହତ୍ ଯୋଜନା ଫସର ଫାଟୁଥିବାର ଅଭିଯୋଗ ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ବିଜେପୁର ବ୍ଲକ ସଦରଥି।
ସୂଚନା ଅନ୍‌ସାରେ ୨୦୨୦-୨୧ ଶିକ୍ଷା ବଛରରେ ବିଜେପୁର ବ୍ଲକରେ ଆଦର୍ଶ ବିଦ୍ୟାଳୟ ମୂଳ ହେବାକେ ଯାଉଛେ। ଇଥିରଲାଗି ଏମ.ଗଣ୍ଡପାଲି ଗାଁ ସାମନାରେ ୩୨୩.୨୫ ଲାଖ୍ ଟଁକାରେ ସ୍କୁଲ କୁଠା ତିଆରି ହେଉଛେ। ଆଏବା ଶିକ୍ଷାବଛର ଏପ୍ରିଲ ମାସେ ଇଠାନେ ୬ଷ୍ଠ ଶ୍ରେଣୀ ଖୁଲବା। ସେନ୍ତା ଇଠାନେ କୁଲ ୮୦ ଝନ୍ ଛାତ୍ରୀଛାତ୍ର ପାଠ୍‌ପଢ଼ବାର ଯୋଜନା ଅଛେ। ନୂତନ ଶିକ୍ଷା ବଛର ମୂଳ ହେବାକେ ଆର କୁଲ ୩୦ ଦିନ ବାକିଅଛେ। ହେଲେ ଏଭ୍‌ତକ କୁଠା ତିଆରି କାମ୍ ନୁହେ ସରେ। ଏନ୍ତାଥି ନାଁ ଲେଖା ପିଲାକର ପାଠ୍‌ପଢ଼ାରେ ପଢ଼ାକୁଠି ଅଭାବଟା ବାଧକ ହେବା ବଲି ଆଶଁକା ଦେଖାଦେଇଛେ। ହେଲେ ଏପ୍ରିଲ ମାସୁ ଥାନୀଅ ସରକାରୀ ହାଇସ୍କୁଲରେ ପିଲାକୁ ପାଠ୍ ପଢ଼ାବାର ଯୋଜନା କରାଯାଇଥିବାର ଭିତରିଆ ହିସାବେ ଜନାପଡ଼ିଛେ। ଇଆଡ଼େ ଇ ହାଇସ୍କୁଲଥି ଛାତ୍ରୀଛାତ୍ରଙ୍କର ଲାଗି ପଢ଼ାକୁଠି ସମସିଆ ରହିଥିଲାବେଲେ ଇଠାନେ କେନ୍‌ଥେଇ ଆଦର୍ଶ ସ୍କୁଲର ଛାତ୍ରୀଛାତ୍ର ପାଠ୍ ପଢ଼ବେ ବଲି ସାଧାରନରେ ଚରଚା ହେଉଛେ। ଇ ବାବ୍‌ଦେ ଛାତ୍ରୀର ଅଭିଭାବକ ଭରତ ସାହୁଙ୍କୁ ପଚ୍ରାଲାରୁ ମୋର ଝି' ଆଦର୍ଶ ବିଦ୍ୟାଳୟରେ ନାଁ ଲେଖାବାର ଲାଗି ପରୀକ୍ଷା ଦେଇଛେ। ପରୀକ୍ଷା ବି ଭଲ କରିଛେ, ପାସ୍ ବି କରବା। ହେଲେ ଏଭ୍‌ତକ ଇ ସ୍କୁଲର କୁଠା ତିଆରି କାମ୍ ନୁହେ ସରେ କି ଶିକ୍ଷକ ନିଯୁକ୍ତ ନୁହେ ହୁଅନ୍। ତ ଏନ୍ତାଥି ପାଠ୍‌ପଢ଼ା କେନ୍ଠାନେ ହେବା ଆର କେନ୍‌ଥେଇ ହେବା କେଜାନେ। ଇ ଦିଗେ ଜିଲାପାଳ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାର କଥା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନଙ୍କୁ ପଚ୍ରାଲାରୁ ଆମକୁ ଖାଲି ପରୀକ୍ଷା ପରିଚାଳନା କରବାକେ ନିରଦେଶ ରହିଛେ। ବାକି ବିଷେଥି ମୁଇଁ ନାଇଁ ଜାନି ବଲି ସେ କହିଥିଲେ। ଇ ବାବ୍‌ଦେ ଆର୍‌ଡି ଏସ୍‌ଡିଓ ଜଗନାଥ ମହାନ୍ତିଙ୍କୁ ପଚ୍ରାଲାରୁ ଚଲତି ମାର୍ଚ୍ଚ ମାସ ଭିତରେ କାମ୍ ଶେଷ କରବାକେ ଠିକାଦାରଙ୍କୁ ଟାର୍ଗେଟ ଦିଆଯାଇଛେ। ସୂଚନା ଫଲକଟେ ଲଗାଯାଇଥିଲା, ହେଲେ କିଏ ଭାଂଗି ଦେଇଛେ। ନୂଆଁ ସୂଚନା ଫଲକଟେ ଲଗା ଯିବା ବଲି ସେ କହିଥିଲେ।

## ବୌଦ୍ଧର ୪ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ବୌଦ୍ଧ,୩।୩(ସ୍ୱ.ପ୍ର)
ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୯-୨୦ ବର୍ଷ ନିମନ୍ତେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଏହାସହ କାୟାକଳ୍ପ ପୁରସ୍କାର ସହ ତିନିଲକ୍ଷ ଟଙ୍କା ଅର୍ଥ ରାଶି ମଧ୍ୟ ମିଳିଥିବା ସେ କହିଛନ୍ତି। ଜିଲାର ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପ୍ରଶସ୍ତିପତ୍ର ସହ ଏକ ଲକ୍ଷ ଟଙ୍କା, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ବିଜେତା ସହ ଦୁଇ ଲକ୍ଷ ଟଙ୍କା ଓ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶସ୍ତିପତ୍ର ସହ ୫୦ ହଜାର ଟଙ୍କା ଅର୍ଥରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ୨୦୧୫ ମସିହା ଠାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସମସ୍ତ ସରକାରୀ ଚିକିତ୍ସାଳୟ ଗୁଡିକର ମାନ ବୃଦ୍ଧି ନିମନ୍ତେ ଏହି ଅଭିନବ ବ୍ୟବସ୍ଥା ହାତକୁ ନିଆଯାଇଛି। ମୁଖ୍ୟତଃ ଡାକ୍ତରଖାନାର ଉନ୍ନତିକରଣ, ସଫେଇ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ପରିଚାଳନା, ରୋଗ ନିୟନ୍ତ୍ରଣ ରୋଗୀ ସେବାରେ ଉତ୍ତମ ପ୍ରଦର୍ଶନ ନେଇ କାୟାକଳ୍ପ ପୁରସ୍କାର ପାଇଁ ମନୋନିତ କରାଯାଇଥାଏ। ଗତ ଅକ୍ଟୋବର ମାସରେ ରାଜ୍ୟର ଏକ କମିଟି ଜିଲାର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ବିଭାଗକୁ ଦେଇଥିବା ରିପୋର୍ଟ ଅଧାରରେ ଜିଲାର ୪ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଡି ପୁରସ୍କାର ମିଳିଥିବା ମୁଖ୍ୟ ଚିକିତ୍ସାଧିକାରୀ ସାହୁ କହିଛନ୍ତି । ଏହି ପୁରସ୍କାର ରାଶିର ୭୫ ଭାଗ ରୋଗୀ କଲ୍ୟାଣ ସମିତି ନିମନ୍ତେ ଉଦ୍ଦିଷ୍ଟ ଥିବା ବେଳ ୨୫ଭାଗ ଅନୁଷ୍ଠାନର କର୍ମଚାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ପୁରସ୍କାର ମିଳିବା ପରେ କର୍ମଚାରୀ ସମସ୍ତ ଶ୍ରେୟ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରିଛନ୍ତି। ବୌଦ୍ଧ ଚିକିତ୍ସାଳୟର ନବୀକରଣ ପାଇଁ ଏଡିଏମଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର, ହସ୍ପିଟାଲ ମ୍ୟାନେଜର ବିନାୟକ ପାଣିଗ୍ରାହୀ ଓ ଅନ୍ୟ କର୍ମଚାରୀମାନେ ଉଦ୍ୟମ କରିଆସୁଥିଲେ ।

# ଜିଲାପାଳଙ୍କ ଜନଶୁଣାଣି, ସମାଧାନ ଶିବିର




ଜନଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ ।

ବାଉଁଶୁଣୀ, ୩।୩ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ସୋମବାର ବାଉଁଶୁଣୀ ଗ୍ରାମପଞ୍ଚାୟତରେ ଜିଲାପାଳଙ୍କ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଜ୍ୟୋତିରଞ୍ଜନ ନାଏକ, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ତହସିଲଦାର ସନତ କୁମାର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଦାସ, ଜିଲା ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ୱାଇସିଡିଏ ସଭାପତି ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବାଉଁଶୁଣୀ ପଞ୍ଚାୟତର ଜନସାଧାରଣ ନିଜ ନିଜର ଅସୁବିଧା ଲିଖିତ ଆକାରରେ ଶିବିରରେ ଉପସ୍ଥାପନ କରିଥିଲେ । ଏହା ସହିତ ଶିଶୁ ଶ୍ରମିକ ଉପରେ ନାଟକ ପରିବେଷଣ ହୋଇଥିଲା । ବାଉଁଶୁଣୀ ସରପଞ୍ଚ ପଙ୍କଜିନୀ ନାଏକ, ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରା, ସିଡିପିଓ ମିନତି ଦେଓ, ବାଉଁଶୁଣୀ ଥାନାଧିକାରୀ ରାମସୁବ୍ରମନ୍ୟମ ପ୍ରଧାନ, ଆରଆଇ ସୁଜିତ ସାହୁ, ଗଜେନ୍ଦ୍ର ଦିଗାଲ, ହମିତ ମଲ୍ଲିକ, ଖଜୁରୀପଡା ଫରେଷ୍ଟର ଅଭିମନ୍ୟୁ ପ୍ରଧାନ, ବାଉଁଶୁଣୀ ପଞ୍ଚାୟତ ଭିଏଲଡବ୍ଲ୍ୟୁ ପ୍ରାଣବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମୋଟ ୧୧୬ଟି ଅଭିଯୋଗ ଶୁଣାଣି ହୋଇଥିଲା।

# ଭଲ ପରାମର୍ଶଦାତା ସାଜିଥାଏ ପୁସ୍ତକ

**ଅତାବିରା ବହିହାଟର ତୃତୀୟ ସନ୍ଧ୍ୟା**

ଜାମଟିକ୍ରା, ୩।୩ (ଡି.ଏନ.ଏ)
କୌଣସି ଜାତି, ସଭ୍ୟତା ଅଭିବୃଦ୍ଧିର ପରିଚୟ ପୁସ୍ତକ ହିଁ ଦେଇଥାଏ । ପୁସ୍ତକ ବିନା ମାନବ ସଭ୍ୟତା ଅସମ୍ଭବ। ମଣିଷର ରକ୍ତଚାପ ଓ ମାନସିକ ଚାପକୁ ପୁସ୍ତକ ସୁରକ୍ଷା ଦେଇଥାଏ। ପୁସ୍ତକ ମେଳାରେ ପରୋକ୍ଷ ଭାବେ ପାଠକ ଲେଖକ ଓ ପ୍ରକାଶକଙ୍କ ମିଳନ ହୋଇଥାଏ । ତେଣୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ପ୍ରାଣୀ ଡାକ୍ତରଖାନା ପଡିଆରେ ଆରମ୍ଭ ହୋଇଛି ଅତାବିରା ବହି ହାଟ ମେଳା। ଚଳିତ ବର୍ଷ ୯ମ ବହି ହାଟ ମେଳାରେ ବରଗଡ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଝାରସୁଗୁଡା ପ୍ରଭୃତି ଅଞ୍ଚଳର ପୁସ୍ତକ ପ୍ରକାଶକମାନେ ଯୋଗ ଦେଇଛନ୍ତି । ପୁସ୍ତକର ପ୍ରଦର୍ଶନୀ ସହିତ ପ୍ରତ୍ୟେକ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଦର୍ଶକଙ୍କୁ ଆନନ୍ଦ ଦେଉଛି । ମେଳାକୁ ଆସିଥିବା ଅତାବିରା ଅଞ୍ଚଳ ଜଣେ ଗୃହିଣୀ ନମିତା ଦାଶ କୁହନ୍ତି, ଏଠାରେ ରୋଷେଇ ଏବଂ ବିଭିନ୍ନ କବିତା ପୁସ୍ତକ ମିଳିଥାଏ। ମେଳାରେ ବହି ଗୁଡିକୁ ଦେଖିବା ଏବଂ ପଢ଼ିବାକୁ ଭଲ ଲାଗେ। ନୂଆ ନୂଆ ପୁସ୍ତକରୁ ଅନେକ କିଛି ଶିଖିବାକୁ ମିଳିଥାଏ। ଆହୁରି ମଧ୍ୟ ମୋର ୫ବର୍ଷର ଛୋଟ ଝିଅ ପାଇଁ ମୁଁ ଏଠାରୁ ବିଭିନ୍ନ ପ୍ରକାରର କାର୍ଟୁନ ସିଡି, କଲରିଂ ପାଇଁ ବିଭିନ୍ନ ବହି ନେଇଥାଏ ବୋଲି ଦାଶ କହିଥିଲେ। ବହିହାଟର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ପାଏନବୁଡି ପଧାନ ଯୋଗଦେଇ କହିଥିଲେ, ବର୍ତ୍ତମାନ ଯୁଗରେ ମଧ୍ୟ ବହିର ଚାହିଦା ରହିଛି। ବହି ଭଲ ସାଥିଟିଏ ଓ କେତେବେଳେ ପରାମର୍ଶଦାତା ସାଜିଥାଏ। ପାଠାଗାର ଆନ୍ଦୋଳନ ମାଧ୍ୟମରେ ପୁସ୍ତକ ପଠନ ପ୍ରତି ରଚି ସୃଷ୍ଟି କରାଯାଇପାରିବ । ବହି ହାଟର ସଭାପତି ହରିପ୍ରସାଦ ପଧାନ, ସମ୍ପାଦକ ରମେଶ ଅଗ୍ରୱାଲ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଧାନ, ଆବାହକ ଦଶରଥ ବାଗ ପ୍ରମୁଖ ସହଯୋଗ କରିଥିଲେ ।

# ବୌଦ୍ଧରେ ଶ୍ୟାମ ବାବାଙ୍କ ଫାଲ୍‌ଗୁନ ମେଳା



ଶ୍ୟାମ ବାବାଙ୍କ ଭବ୍ୟ ଫାଲଗୁନ ମେଳା ଉପଲକ୍ଷେ ନିଶାନ ଯାତ୍ରା ।

ବୌଦ୍ଧ,୩।୩(ସ୍ୱ.ପ୍ର)
ବୌଦ୍ଧ ଠାରେ ମାରୱାଡି ସୋସାଇଟି ପକ୍ଷରୁ ଶ୍ୟାମ ବାବାଙ୍କ ଭବ୍ୟ ଫାଲଗୁନ ମେଳା ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ହୋଇଛି। ଏହାସହିତ ଏକ ଭବ୍ୟ ନିଶାନ ଯାତ୍ରା ଓଡିଶାର ପ୍ରସିଦ୍ଧ ଶ୍ୟାମବାବା ଧାମ ଭଟଲି ଅଭିମୁଖେ ବାହାରିଛି। ଏହି ମେଳାରେ ସହରର ସମସ୍ତ ସମ୍ପ୍ରଦାୟର ଲୋକେ ଅଂଶଗ୍ରହଣ କରିଥିଲେ । ବାବାଙ୍କ ନିଶାନ ଯାତ୍ରା ଏକ ଭକ୍ତିମୟ ପରିବେଶ ମଧ୍ୟରେ ରଘୁନାଥ ମନ୍ଦିର ଠାରୁ ବାହାରି ଦୈନିକ ବଜାର, ଭୈରବୀ ବଜାର ଓ ଗାନ୍ଧୀଛକ ଦେଇ ଅଗ୍ରୱାଲ ଭବନ ଠାରେ ପହଞ୍ଚିଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କଲିକତାର ସୁପ୍ରସିଦ୍ଧ ଭଜନ ଗାୟକ ମନିଶ ଶର୍ମା ଓ ସମ୍ବଲପୁରର ଭଜନଗାୟକ ସୋନୁ ସିଂଘାନିଆ ନିଜ ସାଥିମାନଙ୍କ ଦ୍ୱାରା ଭଜନ ପରିବେଷଣ କରିଥିଲେ । ମାରୱାଡି ସୋସାଇଟିର ଅଧକ୍ଷ ଉମାଶଙ୍କର ଅଗ୍ରୱାଲା, ସମ୍ପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲା ଓ କୋଷାଧକ୍ଷ ନାରାୟଣ ପ୍ରସାଦ ଅଗ୍ରୱାଲାଙ୍କ ନେତୃତ୍ୱରେ ମାରୱାଡି ଯୁବ ମଞ୍ଚ, ମାରୱାଡି ମହିଳା ସମିତିର ସଦସ୍ୟାମାନେ ସହଯୋଗ କରିଥିଲେ। ନିଶାନ ଯାତ୍ରା ବୁଧବାର ବାଉଁଶୁଣୀ, ମନମୁଣ୍ଡା, ସୋନପୁର, ବିନିକା, ବରଗଡ ଦେଇ ଭଟଲି ଅଭିମୁଖେ ଯାତ୍ରା କରିବ।

# କ୍ରିକେଟ ଟୁର୍ନାମେଣ୍ଟ: ଜେବିସି ବିଜୟୀ

ବୌଦ୍ଧ,୩।୩(ସ୍ୱ.ପ୍ର)
ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଓ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧରେ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ବୌଦ୍ଧ ପଞ୍ଚାୟତ କଲେଜ ଓ ଜେବିସି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ବୌଦ୍ଧ ପଞ୍ଚାୟତ କଲେଜ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖେଳର ପ୍ରଥମ ଇନିଂସରେ ୨୯.୧ ଓଭର ଖେଳି ବିପିସି ସମସ୍ତ ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆଶୀଷ ପଟ୍ଟନାୟକ ୩୧ ଓ ଶମ୍ଭୁ ମଣ୍ଡଳ ୨୯ ରନ୍ କରିଥିଲେ । ଜେବିସିର ତାପସ ପଣ୍ଡା ୪ ଉଇକେଟ ଓ ଅବିନାଶ ନାୟକ ୩ ଉଇକେଟ ହାସଲ କରିଥିଲେ । ଏହାର ଜବାବରେ ଜେବିସି ୨୩ ଓଭରରେ ୪ ଉଇକେଟ ହରାଇ ୧୫୧ ରନ୍ କରି ଦଳକୁ ୬ ଉଇକେଟରେ ବିଜୟୀ କରିଥିଲା । ଦଳ ତରଫରୁ ତାପସ ପଣ୍ଡା ୪୦ ରନ୍ ଓ ଅବିନାଶ ନାୟକ ୩୪ ରନ୍ କରିଥିଲେ। ପଞ୍ଚାୟତ କଲେଜ ଦଳ ତରଫରୁ ଶିବ ପାଢୀ ୨ଟି ଉଇକେଟ ନେଇଥିଲେ । ମ୍ୟାଚକୁ ଅମ୍ପାୟାର ଭାବେ ଆଶୁତୋଷ ଦାଶ ଓ ରିତ ଚାନ୍ଦ ପରିଚାଳନା କରିଥିଲେ । ସ୍କୋରର ଭାବେ ସାଇପ୍ରିୟ ଦାସ କାର୍ଯ୍ୟ ତୁଲାଇଥିଲେ ।

# ପ୍ରଥମ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ପଦ୍ମପୁର, ୩।୩ (ଡି.ଏନ.ଏ)
ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ତୋଲବନ୍ଧ ଗାଁରେ ପ୍ରଥମ ବରଗଡ ଜିଲାସ୍ତରୀୟ ଲୋକକଳା ମହୋତ୍ସବ-୨୦୨୦ ଏକ ବର୍ଣ୍ଣାଢ୍ୟ ପରିବେଶ ଭିତରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରାରମ୍ଭରେ ଅଞ୍ଚଳର ଲୋକ କଳାକାରଙ୍କୁ ନେଇ ଏକ ଭବ୍ୟ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଏବଂ ଜିଲା ସଂସ୍କୃତ ଅଧିକାରିଣୀ କଲ୍ୟାଣୀ ଦାଶ, ସରପଞ୍ଚ ଗୀତାରାଣୀ ବହିଦାର ସାମିଲ ହୋଇଥିଲେ। ଏହି ମହୋତ୍ସବକୁ ମୁଖ୍ୟଅତିଥି ସିଂ ବରିହା ଉଦଘାଟନ କରିଥିଲେ । ବରଗଡ ଜିଲାପାଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ କଲ୍ୟାଣୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର କେଶରଞ୍ଜନ ପ୍ରଧାନ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଲୋକ କଳାକାର ମାନଙ୍କର ସମର୍ପିତ ଅବଦାନ ସବୁବେଳେ ସ୍ୱୀକାର୍ଯ୍ୟ ବୋଲି ମୁଖ୍ୟଅତିଥି ଭାଷଣ ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦୁଇଟି ସ୍ମରଣିକା ଦର୍ପଣୀ ଓ ସହଭାଗିତା ଉନ୍ମୋଚିତ ହୋଇଥିଲା । ଶେଷରେ ଅମୃତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ତପସ୍ୱିନୀ ଗୁରୁ ଓ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କନାଗାଡର ବେଠିଖାଇ ଓ ଦଳ ଡାଲଖାଇ ନୃତ୍ୟ, ଭେଡେନର ଖଞ୍ଜଣୀ, ଅମ୍ବାଭୋନାର ସମ୍ପ୍ରଦା, ଗାଇସିଲେଟର ପରଭା, ବିଜେପୁରର କରମସାନୀ, ବରଗଡ କଳାଜୀବୀର ନଟନିଆ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସୁରୁ ସାହୁଙ୍କ ଲଳିଆ ଗୀତ ଦର୍ଶକଙ୍କ ମନ ମୋହି ନେଇଥିଲା। ରାଜେଶ କୁମାର ବହିଦାର, ଗୁଲ୍ଲଣ, ରାଜକୁମାର ସାହୁ, ଜୟନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରାତିରେ ନାଟକ ପରିବେଷଣ ହୋଇଥିଲା ।



ଉଦ୍‌ଘାଟନୀ ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

# ବସୁନ୍ଧରା, ଆବାସ ଯୋଜନାରୁ ବଁଚିତ୍ ମୋହନ

ଅତାବିରା, ୩।୩ (ଡି.ଏନ୍.ଏ.)
କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖିକର ଲାଗି ଅନେକ ଯୋଜନା କାମ୍‌କାରୀ କରୁଛନ୍। ସରକାରୀ ଯୋଜନା ଭଁଡ଼ାରରେ ଛୁଆ ଜନମ୍ ହେଲାନୁ ମଲା ଲୁକ୍‌କର ଶୁଧି କାମ୍ ତକ ସାହାଯ୍ ଦେବାର ବେବସ୍ତା ରହିଛେ। ହେଲେ ଆଏଜ୍ ବି ଆମର ରାଏଜେ ନିହାତି ଗରିବ୍ ଲୋକ୍ ପେଟ୍‌ପାଟନାର ଲାଗି ନାନା ଦୁଖ୍ ଭୁଗୁଛନ୍। କିଏ ପେଟ୍‌ପାଟନା ଲାଗି ଦାଦନ ଯାଉଛେ ତ ଆର କିଏ ଜନମ୍ ମାଏଟ୍‌କେ ପର କରି ଉନିଆନେ ଯାଇ ରହୁଛେ। ସେନ୍ତା ଆରକେତେ ଗରିବ୍ ଦୁଖି ଜାଗାବାଡ଼ି ଅଭାବୁ କିଏ ବଁଧି ଖଁଡ଼ିଥି ତ ଆର କିଏ କେନ୍ ନାଲ୍ ତରେ ସରକାରୀ ଜାଗାଥି କୁରିଆଟେ କରି ମୁଡ଼ ଗୁଁଜୁଛନ୍। ଏନ୍ତା ଝନେ ଦୁଖି ଲୋକ୍ ସଂଗେ ଭେଟ୍ ହେଇଥିଲା ବୁର୍ଲା ବଡ଼ ଡାକ୍ତରଖାନା ଯକ୍ଷ୍ମା ୱାର୍ଡ ସାମନାଥି।
ସୂଚନା ଅନ୍‌ସାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂସାରିପାଲି ଗାଁର ମୂଳ ବାସିନ୍ଦା ମୋହନ ମେହେର(୩୫)। ପରିବାର କହେଲେ ମାଏକିନା ପଦ୍ମାବତୀ, ୪ ଝି' ଶ୍ରୁତୀ, ପ୍ରତି, ଇତି ଆର ଶ୍ରଦ୍ଧାକୁଁ ନେଇ ତାକର ସଁସାର। ମୋହନ ଝନେ ନିହାତି ଗରିବ୍ ଲୋକ୍। ଆଏଜ୍‌କେ ୫୦ ବଛର ତଲେ ପେଟ୍‌ପାଟନାର ଲାଗି ମୋହନଙ୍କର ବାପା ଜନମ୍ ମାଏଟ୍ ଛାଡ଼ି କୁଟୁମବସିଆ ବୁର୍ଲାକେ ପଲେଇ ଆସିଥିଲେ। ସେ କୁଲିମଜୁରି କରି ନିଜର କୁଟୁମ ପୁଷୁଥିଲେ। ମହୋନ ବଡ଼ ହେଲା ଉତାରୁ ବିହାଟୁରା ହେଇ ଘର ସଁସାର କରିଛନ୍। ସେ ବୁର୍ଲା ଏନ୍‌ଏସିର ଗୌରପାଲି ମନ୍ଦିର ପଡ଼ାରେ ଗୁଟେ ସରକାରୀ ଜାଗାରେ କୁରିଆଟେ କରି କୁଟୁମବସିଆ ମୁଡ଼ ଗୁଁଜିଛନ୍। ପରିବାରଟା ସରକାରୀ ଯୋଜନାରେ ମାସିକ ୨୦ କେ.ଜି. ଚାଉଳ ଆର ୨ ଲିଟର କିରାସିନ ପାଉଛନ୍। ହେଲେ ରୟତି ଜାଗାବାଡ଼ି ଅଭାବୁ ସରକାରୀ ଯୋଜନାରେ ଘରଖଁଡ଼େ ପାଇ ନାଇଁପାରବାର ବଲି ସେ କହିଥିଲେ। ମୋହନ ଫିଦିନ ସଖାଲୁ ଭିମ୍‌ସାରର ଯକ୍ଷ୍ମା ୱାର୍ଡ ଆଘେ ଗୁଟେ ଠେଲା ଲଗଉଛନ୍। ସେ ଠେଲାରେ ମୁଢ଼ି ମିକ୍ସଚର, ପାଉଁରୁଟି, ବିସ୍କୁଟ, ଇଡ୍‌ଲି, ଚା' ବିକୁଛନ୍। ମୋହନ୍ ୱାର୍ଡ ଆଘେ ପୁହୁଁଚି ପଡ଼ଲେ ରୁଗୀମାନକର ଲାଗେଲେସରମାନେ ଗଦ୍‌ଗଦ୍ ମନେ ତାକରନୁ ଜିନିଷ ନେବାର ଲାଗି ଲମ୍ବା ଧାଡ଼ିରେ ଠିଆ ହେଉଛନ୍। ଇ ଯକ୍ଷ୍ମା ୱାର୍ଡ ଆସେପାସେ କେହେନ୍‌ସି ଦୁକାନ ବଜାର ନାଁଇଁନ। ଯେନ୍‌ଦିନ ମୋହନ୍ କେହେନ୍‌ସି କାରନ୍‌ରୁ ନାଇଁ ଆସି ପାରବାର ରୁଗୀମାନକର ଲାଗେଲେସରମାନେ ବହୁତ୍ ହଇରାନ ହରକତ ହେଉଛନ୍। ମୋହନ ଫିଦିନ ଯାହା ରୁଜଗାର କରୁଛନ୍ ସେଥିରେ ତାକର ପରିବାର ଚଲବାର ସଂଗେ ଝିଁମାନକର ପାଠ୍‌ପଢ଼ା ଖରଚ୍ ତୁଲଉଥିବାର କହିଛନ୍। ହେଲେ ଅଭାବ ଅନାଟନ ସବୁବେଲେ ଲାଗି ରହୁଛେ, ହେଥିର ଲାଗି ଜାଗାବାଡ଼ି କି ଘରଦୁଆର ତିଆରି ନାଇଁପାରବାର। ସରକାରୀ ଯୋଜନାରେ ଡିହ ଖଁଡ଼େ ଆର ଘରଟେ ପାଏଲେ ମୋର ଦୁଖ୍ ଯାଏତା ବଲି ମୋହନ୍ କହିଥିଲେ।



ମୋହନ ଯକ୍ଷ୍ମା ୱାର୍ଡ ଆଘେ ନିଜର ଠେଲାରେ ବେପାର କରୁଛନ୍।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଭିଜନ ୨୦୨୪ କ୍ରିକେଟ: ଏସଡିସିଏ ଲାୟନ୍ସ ବିଜୟୀ

**ଉଲୁଣ୍ଡା, ୩।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଓଡିଶା କ୍ରିକେଟ ଆସୋସିଏଶନ, ଏସଡିସିଏ ସୋନପୁର ଏବଂ ଉଲୁଣ୍ଡା ବିସିଏ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ବିଭାଗ ଭିଜନ ୨୦୨୪ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାରର ଖେଳରେ ଏସଡିସିଏ ସାମୁରାଇକୁ ହରାଇ ଏସଡିସିଏ ଲାୟନ୍ସ ବିଜୟୀ ହୋଇଛି। ଟସ୍ ଜିଣି ଏସଡିସିଏ ସାମୁରାଇ ଦଳ ପ୍ରଥମେ ବ୍ୟାଟିଂ କରି ୨୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ପକ୍ଷରୁ ଅଭିଲାଷ ନାଏକ ସର୍ବାଧିକ ୫୩ ରନ ଏବଂ ନନ୍ଦି ଖୁରା ୨୦ ରନ କରିଥିଲେ। ବିପକ୍ଷ ଦଳର ଚନ୍ଦ୍ରମଣି ବିଶ୍ୱାଳ ୬ ଏବଂ ରାକେଶ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଏସଡିସିଏ ଲାୟନ୍ସ ଦଳ ୧୯.୩ ଓଭରରେ ୨ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୌରଭ ବେଦବାଗ ୪୧ ଏବଂ ସୁରଜ ମହାପାତ୍ର ୩୫ ରନ କରିଥିଲେ। ଆଜିର ଖେଳକୁ ଆର୍ତ୍ତତ୍ରାଣ ପଣ୍ଡା ଓ ସୁଶାନ୍ତ ସେଠୀ ପରିଚାଳନା କରିଥିଲେ। ସରୋଜ ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବ୍ଲକ କ୍ରିକେଟ ଆସୋସିଏଶନ ସଭାପତି ସୁଜିତ ପଣ୍ଡା ଏବଂ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ଚନ୍ଦ୍ରମଣି ବିଶ୍ୱାଳଙ୍କୁ ମ୍ୟାନ ଅଫଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

### ସଂଯୁକ୍ତାଙ୍କୁ ସାହାଯ୍ ଲାଗି କଥା ଦେଲା ପରଶାସନ

**ଧରିତ୍ରୀ ପ୍ରଭାବ**

**ବିନିକା,୩।୩ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡ଼ି ଗାଁର ଗୋବିନ୍ଦ ଚାଉଁରକଁର ଝିଁ' ସଂଯୁକ୍ତା ଜାଲ(୪୦)। ତାହାକୁ ତାକର ଆପ୍‌ନେ ଅନେକ ବଛର ହେଲା ଛାଡ଼ି ଦେଇଛନ୍। ସେଦିନ୍‌ଠାନୁ ସଂଯୁକ୍ତା ବାପ୍ ଘରେ ଆଶ୍‌ରେ ନେଇଛନ୍। ନିଏ ଆଶ୍‌ରେ ସେ ସମିଆରେ ସଂଯୁକ୍ତା ରାମପୁର ଥାନାରେ ଅଭିଯୋଗ କରିଥିଲେ। ଇଆଡ଼େ ସଂଯୁକ୍ତ ଝନେ ନିସାହା ମହିଲା ହେଇଥିଲାବେଲେ ଭାତା, ରାଶନ କାର୍ଡ, ଆବାସ ଯୋଜନାରୁ ବଁଚିତ୍ ହେଇ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଇ ବାବ୍‌ଦେ ଗଲା ୭।୨।୨୦୨୦ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ନିଏ, ସରକାରୀ ସୁବିଧାରୁ ବଁଚିତ୍ ସଂଯୁକ୍ତା' ଶୀରଷକ୍‌ରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସୁବର୍ଣ୍ଣପୁର ଜିଲାପାଳ ମୋନୀଷା ବାନାର୍ଜୀ ଘଟନାର ତଦଁତ୍ କରି ରିପୋର୍ଟ ଦେବାକେ ବିନିକା ବ୍ଲକ ପରଶାସନକେ ନିରଦେଶ ଦେଇଥିଲେ। ଜିଲାପାଳକଁର ନିରଦେଶରେ ଗଲା ଶୁକୁରବାର ବିନିକା ବିଡିଓ, ବାଙ୍କିଘିର୍ଡ଼ି ଇଓ ସଂଯୁକ୍ତାକଁର ଘରେ ପୁହୁଁଚିଥିଲେ। ସେଠାନେ ସଂଯୁକ୍ତାକଁର ବାପା ଗୋବିନ୍ଦ ଚାଉଁରକୁଁ ସବୁକଥା ପଚାରି ବୁଝିଥିଲେ। ବହୁତ୍ ଜଲଦି ସଂଯୁକ୍ତକୁଁ ରାଶନକାର୍ଡ, ଭତା ଆର ଆବାସ ଯୋଜନାରେ ସାମିଲ କରାଯିବା ବଲି ବିଡିଓ କଥା ଦେଇଥିବାର ଗୋବିନ୍ଦ ଚାଉଁର କହିଛନ୍। ଇ ଘଟନା ଉତାରୁ ସଂଯୁକ୍ତା ଆର ତାକର ବୁରୁଧି ମା'ବାପ୍ କୁରୁତ୍ କରୁତ୍ ହେଇ ଧରିତ୍ରୀ ଖବର କାଗଜକେ ଗୁରଦୁ ପରଶଁସା କରବାର ସଂଗେ ଖବର ପରସାରନ ଲାଗି ବହୁତ୍ ଧଏନ୍‌ବାତ ଦେଇଛନ୍।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ
- ୩ କୋଟିର ସମ୍ପତ୍ତି ଠାବ, ତଦନ୍ତ ଜାରି



ବିନୋଦ ଚନ୍ଦ୍ର ପାଢ଼ୀ

**ବ୍ରହ୍ମପୁର ଅଫିସ/ଗଞ୍ଜାମ, (ଡି.ଏନ.ଏ.), ୩।୩**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ଚନ୍ଦ୍ର ପାଢ଼ୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଗଞ୍ଜାମ ଏବଂ ଭୁବନେଶ୍ୱର ସମେତ ୧୨ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ପ୍ରଥମ ଦିନ ଯାଞ୍ଚରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ଯନ୍ତ୍ରୀ ପାଢ଼ୀ ବ୍ୟାଙ୍କ ଓ ବିଭିନ୍ନ ଲୋକଙ୍କଠାରୁ ଋଣ ଆଣିଥିବା ନେଇ ଭିଜିଲାନ୍ସକୁ କହିଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପାଢୀଙ୍କ ଗଞ୍ଜାମସ୍ଥିତ ୨ଟି ବାସଗୃହ ଓ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ଗଞ୍ଜାମରେ ଥିବା ପୈତୃକ ଘର, ବ୍ରହ୍ମପୁର ଅଫିସ, ହିଲ୍‌ପାଟଣା ହରଭିନ୍ ସ୍କୁଲ କୋଠା ଓ ମାର୍କେଟ କମ୍ପ୍ଲେକ୍ସ, ଖଲ୍ଲିକୋଟ ଡିମିରିଆରେ ଥିବା ଫାର୍ମ ହାଉସ୍, ଆମ୍ବପୁଆରେ ଥିବା ଫାର୍ମ ହାଉସ୍, ପଙ୍କାଳପଲିରେ ଥିବା ଅର୍ଦ୍ଧନିର୍ମିତ ଗୃହ, ଜୟପ୍ରକାଶ ନଗରରେ ରହୁଥିବା ଠିକାଦାର ସଚିନ ପାଢ଼ୀ, ଗୋଷାଣୀନୂଆଗାଁରେ ରହୁଥିବା ଠିକାଦାର ସୀମାଞ୍ଚଳ ପାତ୍ର, ଗୋଦାବରୀଶ ନଗରରେ ରହୁଥିବା ପାଢ଼ୀଙ୍କ ଭଣଜା ଅଶୋକ ପଣ୍ଡା, ଭୁବନେଶ୍ୱର ଭିଆଇପି କଲୋନୀରେ ଥିବା ବାସଗୃହ ଓ ନୟାପଲ୍ଲୀରେ ଥିବା ମେଟ୍ରୋ ରେସିଡେନ୍ସି ଫ୍ଲାଟ ନଂ.୧୦୨/ଏ ରେ ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ମିଳିଥିବା ୪୦୦ ଗ୍ରାମ ସୁନାର ମୂଲ୍ୟ ୧୨ ଲକ୍ଷ ଆକଳନ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୫୨ ଲକ୍ଷ ଟଙ୍କା ଠାବ କରାଯାଇଛି। ସେହିପରି ତାଙ୍କ ନାମରେ ଥିବା ୨୩ଟି ପ୍ଲଟର ମୂଲ୍ୟ ୭୬ ଲକ୍ଷ, ଗଞ୍ଜାମରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୬୫ ଲକ୍ଷ, ବ୍ରହ୍ମପୁରରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୩୫ ଲକ୍ଷ, ଭୁବନେଶ୍ୱରରେ ଥିବା ଏକ ଫ୍ଲାଟର ମୂଲ୍ୟ ୮ ଲକ୍ଷ ଓ ଅନ୍ୟ ଏକ ଫ୍ଲାଟର ମୂଲ୍ୟ ୫୨ ଲକ୍ଷ ବୋଲି ଆକଳନ ହୋଇଛି। ସେହିପରି ତାଙ୍କ ଘରେ ଥିବା ଏକ ସ୍କର୍ପିଓର ମୂଲ୍ୟ ୧୪ ଲକ୍ଷ ହୋଇଥିବା ବେଳେ ଅନ୍ୟ ଏକ କାର, ଏଲଆଇସି ବୀମା, ବ୍ୟାଙ୍କ ଲକର ଆଦି ବୁଧବାର ଯାଞ୍ଚ କରାଯିବ ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି। ଚଢାଉ ଜାରି ରହିଥିବାରୁ ଯନ୍ତ୍ରୀ ପାଢ଼ୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟର ଠିକ୍ ତଥ୍ୟ ବୁଧବାର ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅନୁଗୋଳରେ ପାଢ଼ୀ ସହକାରୀ ଯନ୍ତ୍ରୀ ଥିବା ବେଳେ ଭିଜିଲାନ୍ସ ବିଭାଗ ୧୯୯୬ ସେପ୍ଟେମ୍ବର ୩୦ରେ ତାଙ୍କ ନାଁରେ ନଂ.୫୫/୯୬ରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ କରିଥିଲା। ସେହିପରି ୨୦୧୧ରେ ଏହି ମାମଲାର ବିଚାର ବେଳେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ସ୍ୱାଇଁ କହିଛନ୍ତି।



ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଟିମ୍ ଦୋକାନ ଯାଞ୍ଚ କରୁଛନ୍ତି ।

## ସିଗାରେଟ୍, ଗୁଟ୍‌ଖା ବିକ୍ରି କରୁଥିବା ଦୋକାନରେ ଚଢାଉ

**ସୋନପୁର,୩।୩(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଖୋଲାଖୋଲି ଭାବେ ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି। ଅଭିଯୋଗ ପରେ ମଙ୍ଗଳବାର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ବ୍ଲକଛକ, ବସ୍‌ଷ୍ଟାଣ୍ଡ, ଜୟଗୁରୁ ମାର୍କେଟ୍ ଓ ହସ୍ପିଟାଲ ରାସ୍ତାରେ ଥିବା ଦୋକାନରେ ଚଢାଉ ହୋଇଥିଲା। ୨୬ଟି ଦୋକାନ ବେଆଇନ ଭାବେ ସିଗାରେଟ୍, ଗୁଟ୍‌ଖା ବିକ୍ରି କରୁଥିବା ଜଣାପଡିଥିଲା । ସମ୍ପୃକ୍ତ ଦୋକାନୀଙ୍କଠାରୁ ୪୪୦୦ଟଙ୍କା ଜରିମାନା ଆଦାୟ ସହିତ ନିକୋଟିନ୍ ଥିବା ସାମଗ୍ରୀ ବିକ୍ରି ନ କରିବାକୁ ତାଗିଦ୍ କରାଯାଇଛି। ଏହି ଚଢାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତାପ ରୁଦ୍ର ମଣ୍ଡଳ, ଡ୍ରଗ୍ସ ଇନ୍ସପେକ୍ଟର ଉମାଶଙ୍କର ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ପୋଲିସ ଏଏସଆଇ ସବ୍ୟସାଚୀ ପ୍ରଧାନ, ନାରାୟଣ ରଥ ପ୍ରମୁଖ ସାମିଲ ହୋଇଥିଲେ ।

## ସୁସ୍ଥ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୋନପୁର,୩।୩(ନି.ପ୍ର.)**

ନେହେରୁ ଯୁବ କେନ୍ଦ୍ର ଆନୁକୁଲ୍ୟରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ତିନିଦିନିଆ ଆବାସିକ ଯୁବ ନେତୃତ୍ୱ ଓ ପୁଷ୍ଟି ବିକାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାର ୪୦ଟି କ୍ଲବର ୪୦ ସଦସ୍ୟ ଏହି ଶିବିରରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକ ସୁସ୍ଥ ରାଷ୍ଟ୍ର ଗଠନରେ ଯୁବ ସମାଜର ଭମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ନନ୍ଦ ଶିବିରାର୍ଥି ମାନଙ୍କୁ ନେତୃତ୍ୱର ବିକାଶ କରିବା ସମ୍ପର୍କରେ ବୁଝାଇଥିଲେ। ଅଶୋକ ମେହେର, ବି ଏନ ଶ୍ରୀକାନ୍ତ, ନକୁଳ ନାଏକ, ରାଜେନ୍ଦ୍ର ଝାଙ୍କର, ବଂଶୀଧର ନାୟକ, ମୀନକେତନ ମହାକୁର ଓ ଆଶିଷ ସାହୁ ତାଲିମ ପ୍ରଦାନ କରିଥିଲେ। ତିନିଦିନିଆ ଶିବିରରେ ଯୁବକମାନଙ୍କୁ ସ୍ୱଚ୍ଛ ଭାରତ ଓ ଯୁବ ନେତୃତ୍ୱ ସମ୍ପର୍କରେ ବୁଝାଇଥିଲେ। ସେହିପରି ବେକାରି ଯୁବତୀ ଯୁବକ ମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ସହକାରୀ କୃପାସିନ୍ଧୁ ସା ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ପ୍ରିୟବ୍ରତ ତ୍ରିପାଠୀ, ବିବେକାନନ୍ଦ ନାଗ ଓ ବିଶ୍ୱଜିତ ସାହୁ ସହଯୋଗ କରିଥିଲେ ।

## ରାସ୍‌ତା ତରେ ବିପଦ୍ ଅବସ୍‌ତାରେ ଗଛ୍

**ବିନିକା,୩।୩ (ଡି.ଏନ୍.ଏ.)**



ବିନିକା ବ୍ଲକ ଅଧୀନ ଫୁଲମୁଠୀ–ଚେରୁପାଲି ଆର୍‌ଡି ରାସ୍‌ତା ମହଦା ଛକରେ ଗୁଟେ ଗଖା ସେମେଲ ଗଛ ବୁଁଧୁ ଫୁଂପ୍‌ଡ଼େଇ ବିପଦ୍ ଅବସ୍‌ତାରେ ରହିଛେ। ଇ ରାସ୍‌ତାଟା ଅଂଚଲର ଗୁଟେ ମୁଖିଆ ରାସ୍‌ତା ହେଇଥିଲାବେଲେ ଫିଦିନ ଶହ ଶହ ଲୋକ୍, ଗାଡ଼ିମଟର ଯିବାର ଆଏବାର କରୁଛେ। ଏନ୍‌ତାଥି କେତେବେଲେ କେନ୍ ପରକାର ଅଘଟନ ଘଟି ଧନ୍ ଜୀବନ୍‌ର କ୍ଷୟକ୍ଷତି ହେବା କିଛି କହି ନାଇଁ ହେବାର। ଇ ଦିଗେ ଆର୍‌ଡି ଆର ବନ ବିଭାଗ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

## ପାର୍ଶ୍ୱଦେବତାଙ୍କ ପ୍ରତିଷ୍ଠା ଉତ୍ସବ ୨୬ରୁ

**ବିନିକା,୩।୩(ଡି.ଏନ୍.ଏ.)**

ବିନିକା ସହରର ଇଷ୍ଟଦେବୀ ନାରାୟଣୀ ଦେବୀଙ୍କର ନଅ ପାର୍ଶ୍ୱଦେବତା ଓ କଳାଧଳା ଘୋଡା ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୬ତାରିଖରୁ ଆରମ୍ଭ ହେବ। ୨୯ତାରିଖ ଯାଏ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଏକ ୧୧ଜଣିଆ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଶୀତଳ ମହାକୁର, ଉପସଭାପତି ମାନଗୋବିନ୍ଦ ମହାକୁର, ସମ୍ପାଦକ ହିମାଂଶୁ ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭାବେ ସୋମନାଥ ମିଶ୍ରଙ୍କୁ ଚୟନ କରାଯାଇଥିଲା।

# ସୁବର୍ଣ୍ଣପୁରରେ ବିଶ୍ୱ ଶ୍ରୁତି ଦିବସ ପାଳିତ

**ସୋନପୁର,୩।୩(ନି.ପ୍ର.)**

ଭାରତ ବର୍ଷରେ ପ୍ରାୟ ୬୩ ମିଲିୟନ ଶ୍ରୁତି ବାଧିତ ବ୍ୟକ୍ତି ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ୦ ରୁ ୧୪ ବର୍ଷ ବୟସର ଶିଶୁ। ତେଣୁ ଏହି ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବା ପାଇ ଜାତୀୟ ଶ୍ରୁତି ବାଧିତ ରୋଗ ନିବାରଣ କାର୍ଯ୍ୟକ୍ରମ ଚାଲୁଛି। ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲାସ୍ତରୀୟ ବିଶ୍ୱ ଶ୍ରୁତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ ସଚେତନତା ସଭାରେ ଅଧ୍ୟକ୍ଷତା କରିବା ସହ ଉତ୍ତମ ଶ୍ରବଣ ଶକ୍ତି ବଜାୟ ରଖିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ଜିତାରାମ୍ ବିଦ୍ ଏବଂ ଡିଇଆଇସିର ଓଡିଓଲୋଜିଷ୍ଟ ରଶ୍ମିପ୍ରିୟଦର୍ଶନୀ ପାଲଟାସିଂ ଯୋଗଦେଇ ବଧିରତାର କାରଣ, ନିରାକରଣ ଓ ଲକ୍ଷଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ପ୍ରମୁଖ ମଞ୍ଚାସୀନ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା ।




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଗାଡିମୋଟର ଯାଞ୍ଚ : ୯ ହଜାର ଟଙ୍କା ଜରିମାନା ଆଦାୟ

**ବିନିକା,୩।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବିଶାଳପାଲି ଓ ଉର୍ଲେ ଛକରେ ମଙ୍ଗଳବାର ବିନିକା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହାନଗୁଡିକର ଯାଞ୍ଚ କରାଯାଇଥିଲା । ଏହି ସମୟରେ ଟ୍ରାଫିକ୍ ନିୟମର ଉଲ୍ଲଂଘନ କରିବା ଅଭିଯୋଗରେ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ସହ ଆରୋହୀଙ୍କୁ ହେଲମେଟ ପିନ୍ଧି ଗାଡି ଚଳାଇବା, ସିଟ୍ ବେଲଟ୍ ବ୍ୟବହାର କରିବା, ନିଶାଶକ୍ତ ନ ହୋଇ ଗାଡି ଚଳାଇବା ସର୍ବୋପରି ଟ୍ରାଫିକ୍ ନିୟମ ମାନି ଚଳିବାକୁ ସଚେତନ କରାଯାଇଥିଲା। ଯାଞ୍ଚ ପ୍ରକ୍ରିୟାରେ ଜିଲା ପରିବହନ ବିଭାଗର ଜେ.ପି.କୁଲୁ, ବିନିକା ଥାନା ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ, ଏଏସ୍‌ଆଇ ଅରକ୍ଷିତ ମାଝୀ ପ୍ରମୁଖ ସାମିଲ ଥିଲେ।

# ପଞ୍ଚାୟତ ଉପନିର୍ବାଚନ ମତଦାନ ୨୪ରେ

- ସିନ୍ଧୁରପୁର ସରପଞ୍ଚ ପାଇଁ ୪, ମୟୂରଉଡାନ ସମିତି ସଭ୍ୟରେ ୨ ପ୍ରାର୍ଥୀ
- ୪ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ସୋନପୁର,୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ ପ୍ରାର୍ଥୀପତ୍ର ଯାଞ୍ଚ, ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶିତ ହୋଇଛି। ମାର୍ଚ୍ଚ ୨୪ରେ ମତଦାତାମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଚୂଡାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ସର୍ଗୁଣାମୁଣ୍ଡାର ମନିନ୍ଦର ମେହେର ଓ କିର୍ତ୍ତିପୁରର ରିଙ୍କୁ ଖମାରୀ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ସେହିପରି ବିନିକା ବ୍ଲକ ସିନ୍ଧୁରପୁର ପଞ୍ଚାୟତର ସରପଞ୍ଚ ପାଇଁ ବଲାରଙ୍ଗାର ଗୀତାଞ୍ଜଳୀ ମହାକୁର, ଚେରୁପାଲିର ମୀନତି ମଲ୍ଲିକ, ସିନ୍ଧୁରପୁରର ଜୟଶ୍ରୀ ପୂଜାହାରୀ ଓ ମଣିଗାଁର ସୁଭଦ୍ରା ପଧାନ ପ୍ରାର୍ଥୀ ଅଛନ୍ତି। ବିନିକା ବ୍ଲକ ସିଲାଟି ପଞ୍ଚାୟତ ୱାର୍ଡ ନଂ ୧ରେ ୱାର୍ଡ ସଭ୍ୟ ନିର୍ବାଚନ ପାଇଁ କ୍ଷିତିସୁଧା ଚୌହାନ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ସେ ଜାତିଗତ ପ୍ରମାଣପତ୍ର ପ୍ରଦାନ କରି ନ ଥିବାରୁ ନିର୍ବାଚନ ଅଧିକାରୀ ତାଙ୍କ ପ୍ରାର୍ଥୀପତ୍ର ନାକଚ କରି ଦେଇଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଏହି ୱାର୍ଡରେ ନିର୍ବାଚନ ତାରିଖ ଘୋଷଣା ହେବ। ଅନ୍ୟପକ୍ଷେ ସୋନପୁର ବ୍ଲକର ଖଲିଆପାଲି ପଞ୍ଚାୟତ ୱାର୍ଡ ନଂ ୧୧ର ୱାର୍ଡ ସଭ୍ୟ ଭାବେ ପଣ୍ଡକିଟାଲର ରଘୁ ଛତ୍ରିଆ, ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ପଞ୍ଚାୟତ ୱାର୍ଡ ନଂ ୮ର ସଭ୍ୟ ଭଜବଳପୁର ଗ୍ରାମର ସୁନାବୁଲ କୁଅଁର, ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ୱାର୍ଡ ନଂ ୩ର ସଭ୍ୟ ଭାବେ ବ୍ରାହ୍ମଣିପାଲି ଗାଁର ପୁଷ୍ପାଞ୍ଜଳି ମହାଲିଙ୍ଗ, ଡୁଙ୍ଗୁରିପାଲି ବ୍ଲକ କପାସିରା ପଞ୍ଚାୟତ ୱାର୍ଡ ନଂ ୧୧ର ସଭ୍ୟ ଭାବେ କପାସିରାର ସନ୍ତୋଷ ନାଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସିନ୍ଧୁରପୁର ସରପଞ୍ଚ ଓ ମୟୂରଉଡାନ ପଞ୍ଚାୟତ ସମିତି ସଭ୍ୟ ପାଇଁ ଉପନିର୍ବାଚନ ସକାଶେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ରାଜନୈତିକ ଦଳ ମାନେ ମଧ୍ୟ ପୌର ନିର୍ବାଚନ ପୂର୍ବରୁ ଏହି ଉପନିର୍ବାଚନରେ ବିଜୟ ଲାଭ କରିବା ପାଇଁ ଗୋଟି ଚାଳନା ଆରମ୍ଭ କରିଛନ୍ତି ।

## ଜିଲାପାଳଙ୍କ ୪ ପଞ୍ଚାୟତ ଗସ୍ତ, ଉନ୍ନୟନ କାମର ସମୀକ୍ଷା

**ଉଲୁଣ୍ଡା, ୩।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ୪ଟି ପଞ୍ଚାୟତକୁ ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ମୁଣ୍ଡୋଘାଟ ପଞ୍ଚାୟତକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ଲସ୍ତୁଲା ପଞ୍ଚାୟତର ପୋଢଟିକିରା ଯାଇ ଆବାସ ଯୋଜନାର ହିତାଧିକାରୀଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ନିକଟସ୍ଥ ଖେଳପଡିଆର ଉନ୍ନତିକରଣ ସହ ସେଠାରେ ଏକ ମିନିପାର୍କ କରାଯିବାକୁ ମତ ରଖିଥିଲେ। ସେହିପରି ଲସ୍ତୁଲା–ଉଲୁଣ୍ଡା ନୂତନ ରାସ୍ତାର ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ ଜିଲାପାଳ। ପରେ ଉଲୁଣ୍ଡା ସଦର ପଞ୍ଚାୟତ ପରିଦର୍ଶନ କରି ଚଢେଇପଙ୍କ ପଞ୍ଚାୟତର ଝାରବାହାଲି ଆଦର୍ଶ ବିଦ୍ୟାଳୟର ଖେଳପଡିଆର ଉନ୍ନତିକରଣ, ମେଟକାନୀଠାରେ ନିର୍ମାଣଧୀନ ପାର୍କ ପରିଦର୍ଶନ କରି ଯଥାଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ ପୋଢଟିକିରା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ନିର୍ଦ୍ଧାରିତ ସମୟରେ ଅନୁଦାନ ଖର୍ଚ୍ଚ ଉପରେ ଗୁରୁତ୍ୱ

**ସରପଞ୍ଚ, ପିଇଓଙ୍କ ମିଳିତ ବୈଠକ**

**ସୋନପୁର,୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଜଳ ଓ ପରିମଳ ମିଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ବୈଠକରେ ଜିଲାର ୧୦୯ପଞ୍ଚାୟତର ସରପଞ୍ଚ, ପିଇଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୋଷ୍ଠୀ ଶୌଚାଳୟ ମାଧ୍ୟମରେ ସମସ୍ତଙ୍କ ପାଇଁ ପାଇଖାନା ସୁବିଧା, ଗୋଷ୍ଠୀସ୍ତରୀୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଶ୍ୱବ୍ୟାଙ୍କ ଅନୁଦାନର ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ପକ୍ଷରୁ ପଞ୍ଚାୟତଗୁଡିକୁ ମିଳିଥିବା ଅନୁଦାନ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରିବାକୁ ପଣ୍ଡା ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମୀଣ ଆବାସ ଯୋଜନାରେ କିଭଳି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବ ଓ ଏମଜିଏନଆରଇଜିଏସ୍‌ରେ ଜିଲାରେ ଅଧିକ କାମ ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। ଜିଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରି ପାଇଖାନା ବ୍ୟବହାର, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ ଓ ବୀରମହାରାଜପୁର ବିଡିଓ ମୁକ୍ତିଲାଲ ସୁରିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୋଷ୍ଠୀଗତ ଶୌଚାଳୟ ପରିଚାଳନା ପାଇଁ ଗ୍ରାମ ପଞ୍ଚାୟତର ଭୂମିକା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍





## ଅସାହାଙ୍କୁ ସାହାଯ୍ୟର ହାତ୍ ବଢ଼ାଲା ପରଶାସନ

**ଲାଠୋର, ୩।୩ (ଡି.ଏନ୍.ଏ.):**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଁଚେଟ୍ ଅଧୀନ ଖର୍ଲି ଗାଁର ବୁରୁଧ୍ ଦମ୍ପତି ବସୁ ସାଗର ଆର ତାକର ମାଏକିନା ବଡ଼ ସାଗର। ସେନ୍ତା ଇ ବ୍ଲକ ଅଧୀନ କୁଇବାହାଲ ପଁଚେଟ୍ ବାଞ୍ଜିପାଲି ଗାଁର ଦିବ୍ୟାଙ୍ଗ ଯଶୋଦା ମାଝିଙ୍କୁ ପରଶାସନ ସାହାଯ୍ୟର ହାତ୍ ବଢ଼େଇଥିବାର ଜନାଯାଇଛେ। ସୂଚନା ଅନ୍‌ସାରେ ଖର୍ଲି ଗାଁର ବୁରୁଧ୍ ଦମ୍ପତି ବସୁ ସାଗର ଆର ତାକର ମାଏକିନା ବଡ଼ ସାଗରଙ୍କର ସଁପତି ବଲି କିଛି ନାଇଁ। ଇ ବୁରୁଧ୍ ଦମ୍ପତି ନିଜର ଝନେ ଲାଗେଲେସର ଘରେ ଆଶ୍ରେ ନେଇଛନ୍। ଯେ ମୁଠେ ଦେଲା ଖାଉଛନ୍ ନାଇଁ ହେଲେ ଖାଡ଼ା ଉପାସେ ରହୁଛନ୍। ଏନ୍ତା କି ସେମାନେ ସରକାରଙ୍କର ଭତା, ଖାଏଦ୍ ସୁରକ୍ଷା ଆର ଆବାସ ଯୋଜନାରୁ ବଁଚିତ୍ ହେଇ ରହିଥିଲେ। ସେନ୍ତା ବାଞ୍ଜିପାଲି ଗାଁର ଦିବ୍ୟାଙ୍ଗ ଯଶୋଦା ଗଲା ୨୦୧୬ରୁ ୫୦ ପରତିଶତ ଦିବ୍ୟାଙ୍ଗ ପରମାନପତର ଥାଇ ବି ଭତା ନାଇଁ ପାଉଥାଇ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଗଲା ୨୬।୨।୨୦୨୦ରେ ଟିକିନିଖିନୁ ଖବର ବାହାରିଥିଲା। ଇ ଦୁଇ ଖବରକେ ନେଇ ବରଗଡ଼ ଜିଲାର ଝନେ ସାମାଜିକ କରମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ କରି ଇ ଅସାହାମାନକୁ ସାହାଯ୍ ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ତାକର ଅନୁରୋଧ ହିସାବେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାପାଳଙ୍କୁ ସାହାଯ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ବଲାଙ୍ଗୀର ଜିଲାପାଳଙ୍କର ନିରଦେଶରେ ତୁରେକେଲା ବିଡିଓ କୁଇବାହାଲ ଆର ହଲନଭଟା ପଁଚେଟ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟସିଂ ମେହେରଙ୍କୁ ପଠେଇ ଦିବ୍ୟାଙ୍ଗ ଯଶୋଦା ମାଝି, ବସୁ ସାଗର, ବଡ଼ ସାଗରଙ୍କୁ ଭତା ଚେକ୍ ହିସାବେ ଦେଇଥିଲେ। ସେନ୍ତା ଆଏବାର ଦିନେ ଇମାନକୁ ରାଶନକାର୍ଡ ଯୁଗେଇ ଦିଆଯିବା ଆର ଆବାସ ଯୋଜନା ଲାଗି ପିଡବ୍ଲୁଏଲ୍‌ରେ ସାମିଲ କରାଯାଇଥିବାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍।

# ଫାଣ୍ଡି ହେଲା ଥାନା, ସ୍ଥିତି ଯେମିତିକି ସେମିତି

**ମୁରିବାହାଲ, ୩।୩ (ଡି.ଏନ୍.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୋଲିସ ସେବାକୁ କ୍ରିୟାଶୀଳ କରୁଛନ୍ତି। ନୂତନ ଥାନା ଓ ଫାଣ୍ଡି ଖୋଲା ଯାଉଛି। ଏହିକ୍ରମରେ ବଲାଙ୍ଗୀର ଜିଲା ମୁରିବାହାଲ ଫାଣ୍ଡିକୁ ୩ବର୍ଷ ତଳେ ଥାନାକୁ ଉନ୍ନୀତ କରାଯାଇଥିଲା। ଥାନା ମାନ୍ୟତା ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ହେଲେ ଇତିମଧ୍ୟରେ ତିନିବର୍ଷ ବିତିଯାଇଥିଲେ ବି କୌଣସି ଭିତ୍ତିଭୂମିରେ ବିକାଶ ଘଟିଲା ନାହିଁ। ଫଳରେ ସ୍ଥିତି ପୂର୍ବରୁ ଯେମିତି ଥିଲା ସେମିତି ରହିଛି।

ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ୨୦ ଡିସେମ୍ବର, ୨୦୧୬ରେ ୧୭ଟି ଗ୍ରାମପଞ୍ଚାୟତକୁ ନେଇ ରାଜ୍ୟ ସରକାର ମୁରିବାହାଲ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କଲେ। ଏହି ଥାନା ଅଧୀନରେ ୧୩୦ଟି ଗ୍ରାମ ରହିଛି। ଏହା ସାଙ୍ଗକୁ ବ୍ଲକ, ତହସିଲ, ମେଡିକାଲ, କଲେଜ, କୃଷି ଉଦ୍ୟାନ, ପ୍ରାଣୀ ସମ୍ପଦ, ଶିକ୍ଷା ଅଫିସ, ୧୭ଟି ବଜାର ଓ କେତେକ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ବି ରହିଛି। ଏକ ଥାନାର ଯାହା ସବୁ ଆନୁଷଙ୍ଗିକ ବ୍ୟବସ୍ଥା ରହିବା କଥା, ତାହା ଏଠାରେ ଉପଲବ୍ଧ ହୋଇ ପାରିନାହିଁ। ଆବଶ୍ୟକ ପୋଲିସ ଅଧିକାରୀ ଓ କର୍ମଚାରୀ ଏଠାରେ ନ ଥିବାରୁ ଆଇନଶୃଙ୍ଖଳା ବଜାୟ ରଖିବା କାଠିକର ପାଠ ହେଉଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ଜଣେ ଥାନା ଅଧିକାରୀଙ୍କ ସହ ମଞ୍ଜୁରପ୍ରାପ୍ତ ୩ ସବ୍‌ଇନ୍ସପେକ୍ଟରଙ୍କ ମଧ୍ୟରୁ ୨ଜଣ କାର୍ଯ୍ୟରତ ଅଛନ୍ତି। ଗୋଟିଏ ପଦବୀ ଖାଲି ପଡିଛି । ସେହିପରି ୩ ଏଏସଆଇଙ୍କ ସ୍ଥାନରେ ୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ନୂଆ କରି ଖୋଲିଥିବା ଜେଏମ୍‌ଏଫ୍‌ସି କୋର୍ଟରେ ନିଯୁକ୍ତି ଦିଆଯାଇଛି । ସେହିପରି ୮ଜଣ କନଷ୍ଟେବଳଙ୍କ ସ୍ଥାନରେ ୫ଜଣ କାର୍ଯ୍ୟରତ ରହିଛନ୍ତି। ତନ୍ମଧ୍ୟରୁ ଥାନା ଭିଏଚଏଫ ଓ କମ୍ପ୍ୟୁଟରରେ ୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।



 କର୍ମଚାରୀ ଅଭାବଜନିତ ସମସ୍ୟା ଦେଇ ଗତି କରୁଥିବା ମୁରିବାହାଲ ଥାନାର ନୂତନ କୋଠା ଏଯାଏ ନିର୍ମାଣ ହୋଇ ପାରିଲା ନାହିଁ। ୩ବର୍ଷ ହେଲା ପୁରୁଣା ଫାଣ୍ଡି ଗୃହରେ ଥାନା ଯାଇତାଇ ଚାଲିଛି । ଥାନାର କୋଠା, ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ୨ବର୍ଷରୁ ଅଧିକ ସମୟ ହେଲା ୫ ଏକର ଜମି ଚିହ୍ନଟ ହୋଇ ସାରିଛି। ହେଲେ ଅବଧି ପର୍ଯ୍ୟନ୍ତ ଗୃହ ନିର୍ମାଣ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଅପରପକ୍ଷରେ କାର୍ଯ୍ୟରତ କର୍ମଚାରୀମାନେ ଷ୍ଟାଫ କ୍ୱାର୍ଟର୍ସ ନଥିବାରୁ ବଡ ଅସୁବିଧାର ସହ ବାହାରେ ରହି କାମ କରିବାକୁ ବାଧ୍ୟ ହେଉଛନ୍ତି। ପୁନଶ୍ଚ ହେଡକ୍ୱାର୍ଟର୍ସ ବାହାରେ ରହୁଥିବାରୁ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ କର୍ମଚାରୀ ଥାନାରେ ପହଞ୍ଚିବାରେ ସମସ୍ୟା ହେଉଛି। ଅନ୍ୟ ଏକ ଘଟଣାକ୍ରମରେ ଥାନାରେ ଜଣେ ମଧ୍ୟ ମହିଳା କନଷ୍ଟେବଳ ନଥିବାରୁ ଥାନାକୁ ଆସୁଥିବା ମହିଳାମାନେ ସେମାନଙ୍କ ଆପତ୍ତି, ଅଭିଯୋଗ ପରିପ୍ରକାଶ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କୁ ପଚାରିବାରୁ ଏହି ସମସ୍ତ ବିଷୟକୁ ନେଇ ଜିଲା କର୍ତ୍ତୃପକ୍ଷ ଓ ସରକାରଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

- ୩ବର୍ଷ ପରେ ବି ଭିତ୍ତିଭୂମିର ହେଲାନି ବିକାଶ
- ଫାଣ୍ଡି ଗୃହରେ ଚାଲିଛି ଥାନା
- ଜମି ଚିହ୍ନଟ ପରେ ବି ହେଉନି କୋଠା, ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ
- ନାହାନ୍ତି ଆବଶ୍ୟକ ଷ୍ଟାଫ

### ଏମାନେ ଯାହା କୁହନ୍ତି



"ଫାଣ୍ଡିରୁ ଥାନାର ମାନ୍ୟତା ପାଇବା ପରେ ମୁରିବାହାଲ ଅଞ୍ଚଳବାସୀ ଖୁସି ହୋଇଥିଲେ। ହେଲେ ଆବଶ୍ୟକ ପଦବୀ ଓ ନୂତନ ଥାନା ଗୃହ ନିର୍ମାଣ ନହେବା ଏକ ଦୁର୍ଭାଗ୍ୟଜନକ। ସରକାର ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।

**- ହଂସରାଜ ଜୈନ, ଅଧ୍ୟକ୍ଷ ମୁରିବାହାଲ ପଞ୍ଚାୟତ ସମିତି**



"ଘୋଷଣାର ମର୍ଯ୍ୟାଦା ରହୁ। ଗୋଟିଏ ଥାନା ପାଇଁ ଯାହା ସବୁ ଆବଶ୍ୟକ ତାହା ସରକାର ଓ ପୋଲିସ ପ୍ରଶାସନ ଅବିଳମ୍ବେ ଯୋଗାଇ ଦିଅନ୍ତୁ। କାଳବିଳମ୍ବ ନ କରି ନୂତନ ଥାନା ଗୃହ, ଷ୍ଟାଫ କ୍ୱାର୍ଟର୍ସ ଆଦି ନିର୍ମାଣ କରାଯାଉ। ଖାଲି ପଡିଥିବା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ଆଇନଶୃଙ୍ଖଳା ଠିକ୍ ରହିବ ।

**– ବିଶ୍ୱନାରାୟଣ ବହିଦାର, ଓକିଲ ସଂଘ ସଭାପତି, ମୁରିବାହାଲ**



"ମୁରିବାହାଲ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳଭାବେ ଜଣାଶୁଣା। ଏଠାରେ ଆଦିବାସୀଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବଢି ଚାଲିଛି। ନକଲି ଆଦିବାସୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲୋଡା। ଏପରିସ୍ଥଳେ ମୁରିବାହାଲ ଥାନାର ଭିତ୍ତିଭୂମିର ବିକାଶ ଜରୁରୀ ହୋଇ ପଡିଛି।

**–ରାଜୀବ କୁଅଁର, ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି**

## ବିଜୁ ଜୟନ୍ତୀ ଲାଗି ଟିଟିଲାଗଡ ବିଜେଡିର ପ୍ରସ୍ତୁତି

**ଟିଟିଲାଗଡ, ୩।୩ (ଡି.ଏନ.ଏ)**

ମାର୍ଚ୍ଚ ୫ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ପାଇଁ ଟିଟିଲାଗଡ ବିଜେଡିର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ଟୁକୁନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୁ ବାବୁଙ୍କ ଜନ୍ମ ଦିବସ, ୯ ତାରିଖରେ ମହିଳା ସମାବେଶ ଏବଂ ୧୮ରେ ରକ୍ତଦାନ ଶିବିର ଆୟୋଜନ ନେଇ ଆଲୋଚନା ହୋଇଥିଲା। ୫ତାରିଖରେ କଟକରୁ ଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୨ତାରିଖ କଳାହାଣ୍ଡିରେ ଶେଷ ହେବ। ଏଣୁ କଳାହାଣ୍ଡିରେ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ସ୍ଥିର ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ପୂର୍ବତନ ଉପନଗରପାଳ ଅଞ୍ଜନା ବର୍ମା ଏବଂ ସମସ୍ତ କାଉନସିଲର ସଭ୍ୟାସଭ୍ୟ, ଗୀତା ବିଶି, ଶ୍ୟାମପ୍ରସାଦ ଗରିହା, ପ୍ରେମଚନ୍ଦ ଜୈନ, ଅରୁଣ ମିଶ୍ର, ରୁଟୁ ବାଗ, ରଣଜିତ ପୃଷ୍ଟି, ଜିଲାପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଚନ୍ଦ୍ରବଦନ ପୁରୋହିତ, ରାଜେଶ ବେହେରା, କୃରିକୁ ସେଠ, ସୁନୀଲ ପଣ୍ଡାଙ୍କ ସମେତ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସୁକ୍‌ତେଲ ବ୍ରିଜରେ ଫାଟ

**ପାଟଣାଗଡ, ୩।୩(ଡି.ଏନ.ଏ.)**

ପାଟଣାଗଡ ବ୍ଲକ ତମିଆଁ ଗ୍ରାମ ନିକଟ ସୁକ୍‌ତେଲ ନଦୀ ଉପରେ ଥିବା ବ୍ରିଜରେ ଫାଟ ସୃଷ୍ଟି ହୋଇଛି। ବ୍ରିଜ ନିର୍ମାଣକୁ ୪ ବର୍ଷ ପୁରି ନ ଥିବା ବେଳେ ଏଥିରେ ଫାଟ ସୃଷ୍ଟି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ରିଜ ଉପରେ ତମିଆଁ ତଥା ଆଖ ପାଖ ୨୦ ଖଣ୍ଡ ଗ୍ରାମରଲୋକେ ନିର୍ଭରଶୀଳ କରୁଛନ୍ତି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ଏହି ବ୍ରିଜ ୨୦୧୫ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୬,୯୯,୯୭,୨୭୮ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ବ୍ରିଜ କାମ ଚାଲିଥିବା ସମୟରେ ଗ୍ରାମବାସୀ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ। ହେଲେ ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ନିର୍ମାଣ ସମୟରେ ଠିକ୍ ଅନୁପାତରେ ଆବଶ୍ୟକ ସାମଗ୍ରୀ ବ୍ୟବହାର ହୋଇ ନ ଥିବା ନିଜ ନାମଗୋପନ ରଖି ଜଣେ ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ତପନ କୁମାର ବେହେରାଙ୍କୁ ତାଙ୍କ ମୋବାଇଲ ଫୋନ ନଂ ୯୪୩୭୨୫୫୫୧୯ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ସୁକତେଲ ବ୍ରିଜରେ ଦୃଶ୍ୟମାନ ଫାଟ।

# କୁଡ଼ାସିଂହା ଡକାୟତି ଘଟଣା, ମାଷ୍ଟରମାଇଣ୍ଡ ଗିରଫ

**ଦେଓଗାଁ,୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ଗାଁର ବ୍ୟବସାୟୀ ଉଜ୍ଜଳ ସାହୁଙ୍କ ଘରେ ଗତ ଜାନୁୟାରୀ ୨୩ ତାରିଖରେ ଘଟିଥିବା ସଶସ୍ତ୍ର ଡକାୟତି ଘଟଣାର ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଗାଁ ବ୍ଲକ ଶିରାବାହାଲ ଗାଁର ମଦନ ନନ୍ଦ (୩୨) । ମଦନଙ୍କୁ ଶିରାବାହାଲ ନିକଟରୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନାନୁସାରେ ମଦନ ନନ୍ଦ ପୂର୍ବରୁ ଚାରମାଲ ଡକାୟତି ଘଟଣାରେ ଜେଲରେ ଥିବା ସମୟରେ ଅର୍ଡା ଗାଁର ଲକ୍ଷ୍ମଣ ସୁନାଙ୍କ ସହ ଚିହ୍ନା ପରିଚୟ ହୋଇଥିଲା। ସେ ସମୟରେ ମଦନ ଓ ଲକ୍ଷ୍ମଣ ମିଶି କୁଡାସିଂହା ଡକାୟତିର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଜାନୁୟାରୀ ୨୩ ତାରିଖରେ ସୁନା ବ୍ୟବସାୟୀ ଉଜ୍ଜଳ ସାହୁଙ୍କ ଘରକୁ ୧୦ରୁ ୧୫ ଜଣ ଡକାୟତ ମୁଖ୍ୟ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ମାଡମାରି ୪ରୁ ୫ ଲକ୍ଷ ନଗଦ ଟଙ୍କା ସହ ୩୦ଭରିରୁ ଊର୍ଦ୍ଧ୍ୱ ସୁନା ଲୁଟି ନେଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ଦେଓଗାଁ ଥାନାରେ ଏକ ମାମଲା (ନଂ.୧୯/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଫେବୃୟାରୀ ୮ ତାରିଖରେ ଉକ୍ତ ଘଟଣାରେ ସମ୍ପୃକ୍ତ ୭ଜଣଙ୍କୁ ପୋଲିସ ଗିରଫ କରଥିଲା। ସେମାନଙ୍କ ପାଖରୁ ଡକାୟତିରେ ବ୍ୟବହୃତ ବୋଲେରୋ,ଏକ ଅଟୋରିକ୍ସା, ଏକ ବାଇକ, ୪ଟି ମୋବାଇଲ ଫୋନ ଓ ନଗଦ ୬୮ ହଜାର୫ଶହ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଥିଲା । ତେବେ ଏହି ଘଟଣାର ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ କେତେଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ପୋଲିସ ସୂଚନା ଦେଇଥିଲା । ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ ମଦନ ନୟାଗଡ ଅଞ୍ଚଳର ହୋଇଥିବାରୁ ଉକ୍ତ ଅଞ୍ଚଳରୁ ଡକାୟତ ଦଳ ଆଣି ଲକ୍ଷ୍ମଣ ଓ ତାଙ୍କର ଅନ୍ୟତମ ସହଯୋଗୀ ଘୁଣ୍ଟୁ ବାରିକ ଓ ରାଜୁ ମହାନନ୍ଦଙ୍କ ସହ ମିଶି ଡାକୟତି ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ୨୨ତାରିଖରେ ଦେଓଗାଁ ବ୍ଲକ ଭୀମଡୁଙ୍ଗୁରୀରେ ସମସ୍ତେ ଭୋଜି କରିଥିଲେ । ଲକ୍ଷ୍ମଣ ଓ ତାଙ୍କ ପୁଅ ମିଥୁନ ସୁନା ଏକ ଅଟୋରିକ୍ସାରେ ଉକ୍ତ ଡକାୟତମାନଙ୍କୁ ନେଇ ଉଜ୍ଜଳ ସାହୁଙ୍କ ଘର ଦେଖାଇଥିଲେ । ପରେ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ଯୋଜନା ମୁତାବକ ଡକାୟତି କରିବାରେ ସଫଳ ହୋଇଥିଲେ।

# 'ବନ୍ୟା କ୍ଷୟକ୍ଷତି ସହାୟତା ହଡ଼ପର ତଦନ୍ତ ହେଉ'

**ବଲାଙ୍ଗୀର ଅଫିସ, ୩।୩**



ଅଧିକାରୀମାନଙ୍କ ସହ ବିଧାୟକ ନରସିଂହ ମିଶ୍ର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକରେ ସମୀକ୍ଷା କରୁଛନ୍ତି ।

- ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ
- ବାଇପାସ୍ ରାସ୍ତା ଖୁବ୍ ଶୀଘ୍ର ଆରମ୍ଭ ହେବ
- ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ ଉପରେ ଗୁରୁତ୍ୱ

ବଲାଙ୍ଗୀର ସହର ଓ ଆଖପାଖ ଗାଁରେ ଗତ ଅଗଷ୍ଟ ମାସରେ ଅଭୂତପୂର୍ବ ବନ୍ୟା ହୋଇଥିଲା । ସହସ୍ରାଧିକ ଲୋକଙ୍କ ଘରଦ୍ୱାର ଭାଙ୍ଗିଯିବା ସହ କୋଟିକୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି ହୋଇଥିଲା । ସରକାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଥିଲେ। ମାତ୍ର ସହାୟତା ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ନ ମିଳି କେତେକ ଚଞ୍ଚକତା କରି ହଡ଼ପ କରିଛନ୍ତି। ଏଣୁ ତୁରନ୍ତ ବନ୍ୟା କ୍ଷୟକ୍ଷତି ସହାୟତା ବଣ୍ଟନର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ନରସିଂହ ମିଶ୍ର ଦାବି କରିଛନ୍ତି। ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ଏନେଇ ବିଧାୟକ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ । କିଛି ପ୍ରକୃତ ହିତାଧିକାରୀଙ୍କ ନାଁକୁ ବଦଳ କରି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ଓ ପ୍ରମାଣ ତାଙ୍କର ହସ୍ତଗତ ହୋଇଥିବା କହିଥିଲେ । ଗନ୍ଧରେଲର କେତେକ କ୍ଷତିଗ୍ରସ୍ତଙ୍କ ଟଙ୍କା ହଡପ କରାଯାଇଥିବା ସୂଚନା ଦେଇ ବିଧିବଦ୍ଧ ତଦନ୍ତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ସହାୟତା ବଣ୍ଟନରେ ଅନିୟମିତତା କରାଯାଇଥିବା ନେଇ କିଛି ଦିନ ପୂର୍ବରୁ ଧରିତ୍ରୀରେ ଖବର ପରିବେଷଣ ହୋଇଥିଲା । ମଙ୍ଗଳବାର ବିଧାୟକ ମିଶ୍ର ତଥ୍ୟ ସହ ତଦନ୍ତ ଦାବି କରିବା ପରେ ବନ୍ୟା ସହାୟତା ଆତ୍ମସାତ୍ ଏବେ ଚର୍ଚ୍ଚାର ବିଷୟ ହୋଇଛି। ବନ୍ୟାର ୬ ମାସ ସମୟ ଅତିବାହିତ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଧୋଇ ହୋଇଯାଇଥିବା ରାସ୍ତାଘାଟ ମରାମତି ହୋଇ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗନ୍ଧରେଲ, ଚଣ୍ଡିଆପାଲିଠାରେ ଲକ୍ଷ୍ମୀଯୋର ଉପରେ ଦୁଇଟି ଚେକଡ୍ୟାମ ନିର୍ମାଣ ପାଇଁ ଆଲୋଚନା କରିଥିଲେ। ଶିକାଛିଡା ପଞ୍ଚାୟତରେ ଜଣେ ସମିତି ସଭ୍ୟଙ୍କ ନାଁରେ ରାସ୍ତା କାମ କରିବା ପାଇଁ ରାଜ୍ୟ ସଭା ସାଂସଦ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ଦିଆଯାଇଥିବା କହିଥିଲେ । ଏହା ନିୟମ ବହିର୍ଭୁତ, ବିଭାଗୀୟ ଅଧିକାରୀ ଶୀଘ୍ର ଅନୁସନ୍ଧାନ କରିବାକୁ କହିଥିଲେ । ବଲାଙ୍ଗୀର ବ୍ଲକ ଅଞ୍ଚଳରେ ଅନେକ ଗୁଡିଏ ଅନୁଦାନ ଗୋଟିଏ ରାସ୍ତାରେ ବାରମ୍ବାର ଖର୍ଚ୍ଚ ହୋଇଥିବାରୁ କାମର ସ୍ୱଚ୍ଛତା ନେଇ ସେ ପ୍ରଶ୍ନ କରିଥିଲେ । ମନହୀରାଠାରେ ଗୋଚର ଜମିରେ ପାଣି ସୁବିଧା ନ ଥାଇ ଏକ ଶ୍ମଶାନ ଗୃହ ତିଆରିରେ ସେଠାକାର ସରପଞ୍ଚ କରିଥିବା ଅର୍ଥ ବାଟମାରଣା ଅନୁସନ୍ଧାନ କରିବାକୁ ନିଷ୍ପତ୍ତି ହୋଇଥିଲା। ବଲାଙ୍ଗୀର ସହରରେ ଦ୍ୱିତୀୟ ଦୈନିକ ବଜାର କରାଯିବା ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ବିଧାୟକ ମିଶ୍ର ବିରକ୍ତି ପ୍ରକାଶ କରିଥିଲେ । ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ ଜବରଦଖଲ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ପାଇଁ ଦରକାର ହେଉଥିବା ଜମିକୁ ଜବରଦଖଲ ମୁକ୍ତ କରିଥିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବାଏପାସ କାମ ଶୀଘ୍ର ଆରମ୍ଭ ହେବ ଓ ଲୋକେ ୨୦ ମାର୍ଚ୍ଚ ସୁଦ୍ଧା କ୍ଷତିପୂରଣ ପାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତଙ୍କୁ ଅଧିକ ଏକ୍ସଗ୍ରାସିଆ ଦେଇ ପ୍ରକଳ୍ପ କାମ ଆରମ୍ଭ ଉପରେ ଜୋର ଦେଇଥିଲେ । ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଉପଜିଲାପାଳ ସଞ୍ଜୟ ମିଶ୍ର ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅନ୍ୟମାନଙ୍କ ସହ ନବଦମ୍ପତି ଚାରାରୋପଣ କରୁଛନ୍ତି।

## ବିବାହ ଅବସରରେ ଚାରାରୋପଣ କଲେ ନବଦମ୍ପତି

**ଖପ୍ରାଖୋଲ, ୩।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁରେ ବିବାହ ଅବସରରେ ମଙ୍ଗଳବାର ନବ ଦମ୍ପତି ଚାରାରୋପଣ କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ମହାନ ବାର୍ତ୍ତା ଦେଇଛନ୍ତି। ନବ ଦମ୍ପତି ଭୋଜରାଜ ବରିହା ଏବଂ ସ୍ତ୍ରୀ ଭାରତୀ ବରିହା ନିଜ ବାଡିରେ ଚାରା ଲଗାଇଥିଲେ । ଏହି ଅବସରରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ବଳଭଦ୍ର ଦାଶ, ଅଭୟ ତ୍ରିପାଠୀ, ବିମଳ ରଞ୍ଜନ ସାହୁ, ଜ୍ୟୋତିରଞ୍ଜନ ପଣ୍ଡା, ରାହାସ ବିହାରୀ ପଧାନ, ଉମାକାନ୍ତ ପଧାନଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ସୋନପୁରର ପ୍ରକୃତିବନ୍ଧୁ କବି ସ୍ୱପ୍ନେଶ୍ୱର ମିଶ୍ର ପରିବେଶ ସମ୍ପର୍କିତ କବିତା ପାଠ କରିଥିଲେ । ଏହି ବୃକ୍ଷରୋପଣ ଆମ ବିବାହ ଉତ୍ସବକୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବ ବୋଲି ନବ ଦମ୍ପତି ଏହି ଅବସରରେ ପ୍ରକାଶ କରିଥିଲେ ।

### ଫଟୋରେ ଖବର





ବଲାଙ୍ଗୀର ପୌର ପରିଷଦ ୧୮ ନମ୍ବର ୱାର୍ଡ ତୁଳସୀନଗର ଏକ ରାସ୍ତାରେ ଡ୍ରେନ୍ କାମ ଅଧା କରି ଛାଡି ଦିଆଯାଇଥିବାରୁ ଆବର୍ଜନା ପାଣି ରାସ୍ତାରେ ଭାସୁଛି (ବାମ)। ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷଠାରେ ରାଜ୍ୟସରକାରଙ୍କ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ ବିରୋଧରେ ପୁରାତନ ଛାତ୍ର ସଂଘର ବୈଠକ। (ଫଟୋ- ସୁନୀଲ)



“ ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷା: ରିଷିଡ଼ା କେନ୍ଦ୍ରରେ ୨୦୪ ପରୀକ୍ଷାର୍ଥୀ

**ରିଷିଡ଼ା,୩।୩ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ରିଷିଡ଼ା ପରୀକ୍ଷା କେନ୍ଦ୍ରରେ ଯୁକ୍ତ ୨ କଳା ଓ ବିଜ୍ଞାନର ୨୦୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ରିଷିଡା ଜେ.କେ. ଉଚ୍ଚ ମାଧମିକ ବିଦ୍ୟାଳୟ ଓ ତେରେସିଂହା ପୀରବତୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ୧୭୬ଜଣ ଓ ଶିଶାଖାଲ ଶ୍ରୀ ଗୁରୁଦେବ ଉଚ୍ଚ ମାଧମିକ ବିଜ୍ଞାନ ବିଦ୍ୟାଳୟର ୨୮ଜଣ ପରୀକ୍ଷାର୍ଥୀ ରିଷିଡ଼ା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ରିଷିଡ଼ା କେନ୍ଦ୍ରରେ ପ୍ରଥମଥର ବିଜ୍ଞାନ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ନୋଡାଲ ସେଣ୍ଟର ମ.ରାମପୁର ମହାବିଦ୍ୟାଳୟରେ ପ୍ରଶ୍ନପତ୍ର ରଖାଯାଇଛି। ଏନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ଦୋକାନ କବାଟ ଭାଙ୍ଗି ଚୋରି

**ଦେଓଗାଁ,୩।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝରସ୍ଥିତ ଏକ ଦୋକାନରୁ ଟଙ୍କା ଚୋରି କରି ଫେରାର ହୋଇ ଯାଉଥିବା ବେଳେ ଚୋରକୁ ଲୋକେ ଗୋଡାଇ ଧରିଥିଲେ । ଖବର ପାଇ ଥାନା ଅଧିକାରୀ ରଞ୍ଜନ ବରିହା ଉକ୍ତ ଯୁବକଙ୍କୁ ଥାନାକୁ ଆଣି ଅଧିକ ତଦନ୍ତ ଜାରୀ ରଖିଛନ୍ତି। ମିଳିଥିବା ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ ଉପରଝର ରାସ୍ତାରେ ଥିବା ଶୁକ୍ର ବେହେରାଙ୍କ ଦୋକାନ କବାଟ ଭାଙ୍ଗି ନଗଦ ୧୦ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ଚୋରି ହୋଇଯାଇଥିଲା। ପରେ ଦୁର୍ବୃତ୍ତମାନେ ଅନ୍ୟ ଜଣଙ୍କ ଘରେ ପଶି ଗୋଟିଏ ସାଇକେଲ ନେଇ ଯାଇଥିଲେ। ପରେ ଗାଁର କେତେକ ଯୁବକ ଚୋରଙ୍କ ପିଛାକରି ଜଣଙ୍କୁ ଅଟକାଇ ଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପ୍ରକାଶଯେ, ଉପରଝର, ମହଲାଇ ଅଞ୍ଚଳରେ ବାରମ୍ବାର ଚୋରି, ଲୁଟ ଆଦି ଘଟଣା ଘଟୁଛି । ଏନେଇ ଉପରଝରରେ ଏକ ପୋଲିସ ଫାଣ୍ଡି ଖୋଲିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।

### କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ

**ସିନାପାଲି,୩।୩ (ଡି.ଏନ୍.ଏ.):** ବିଭିନ୍ନ ଦାବି ନେଇ ଓଡ଼ିଶା କେନ୍ଦୁପତ୍ର ସଂଘ ପକ୍ଷରୁ ସିନାପାଲି କେନ୍ଦୁପତ୍ର କାର୍ଯ୍ୟାଳୟଠାରେ ଧାରଣ ଦିଆଯାଇଥିଲା । ସିନାପାଲି କେନ୍ଦୁପତ୍ର ରେଞ୍ଜର ଦେବଦତ୍ତ ସୁତାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପୁରଣ ନ ହେଲେ ମାର୍ଚ୍ଚ ୧୧ ତାରିଖରେ ଜିଲା ବ୍ୟାପି ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ସମ୍ପାଦକ ଜଦୁମଣି ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ଶତାଧିକ କେନ୍ଦୁପତ୍ର ଶ୍ରମିକ ଏକତ୍ରିତ ହୋଇଥିଲେ। ପରେ ଅଫିସ ସମ୍ମୁଖରେ ସଂଘର ସମ୍ପାଦକ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ କେନ୍ଦୁପତ୍ର କର୍ମଚାରୀ ଓ ଶ୍ରମିକଙ୍କ ବିଭିନ୍ନ ଦାବି ଉପସ୍ଥପନା କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ ନିନ୍ଦା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ରେଞ୍ଜରଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନାରେ ସଂଘର ସଭାପତି ଉପେନ୍ଦ୍ର ନାଗ ନେତୃତ୍ୱ ନେଇଥିଲେ।





ପରଜା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ। ପରଜା ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଢାପ, ଛଉ ନୃତ୍ୟରେ ଦୁଲୁକିଲା ମଞ୍ଚ

**ଭବାନୀପାଟଣା,୩।୩ (ଡି.ଏନ୍.ଏ.)**

**ପରଜା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ପେରମଞ୍ଜିଠାରେ ୧୮ ତମ ଜାତୀୟସ୍ତରୀୟ ଆଦିବାସୀ ପରଜା ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଢାପ, ଝୁମର, କର୍ମା, ସିଙ୍ଗାରୀ, ଛଉ ସହ ସ୍ଥାନୀୟ ପାରମ୍ପରିକ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ପରଜା ଆୟୋଜନ କମିଟିର ସତ୍ୟ ନାରାୟଣ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଭକ୍ତଚରଣ ଦାସ ମୁଖ୍ୟଅତିଥି, ଥୁଆମୂଳ ରାମପୁର ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଥୁଆମୂଳ ରାମପୁର ବ୍ଲକ ଉପାଧ୍ୟକ୍ଷ ଗୋବନ୍ଦ ପ୍ରଧାନୀ, ପୂର୍ବତନ ଡବ୍ଲ୍ୟୁଓଡିସି ସଦସ୍ୟ ମାଣିକ୍ୟଚନ୍ଦ୍ର ନାଏକ, ଗୋପାଳପୁର ବିଜ୍ଞାନ କଲେଜ ଅଧ୍ୟକ୍ଷ ଲଳିତ ସିଂ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏପରିକି ଉତ୍ସବ ମାଧ୍ୟମରେ ଅଞ୍ଚଳର କଳା ସଂସ୍କୃତିକୁ ଉଜ୍ଜୀବିତ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କମିଟି ସମ୍ପାଦକ ଅଶୋକ ସିଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ସୁଶୀଲ ଗହୀରଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁଭମ୍ ପୁରୁଣାଗୁମା ଏବଂ କଳିଙ୍ଗ କୁଶୁମ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ମହୋତ୍ସବରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ଜିଲା ସଂସ୍କୃତି ପରିଷଦର ସହଯୋଗରେ ଉତ୍ସବ ପାଳିତ ହେଉଛି।

# ଜଣଗଣନା ତାଲିମ ଶିବିର ଉଦ୍‌ଘାଟିତ

**ଭବାନୀପାଟଣା,୩।୩ (ସ୍ୱ.ପ୍ର.)**

୨୦୨୧ ଜନଗଣନା ନିମନ୍ତେ ପ୍ରଥମ ପର୍ଯ୍ୟାୟ ଗୃହତାଲିକା ଓ ଗୃହଗଣନା, ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟର ୨୦୨୦ ନିମନ୍ତେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ଏବଂ ଏନ୍ଏସିସ୍ତରୀୟ ଅଧିକାରୀ ମଙ୍ଗଳବାରଠାରୁ ତାଲିମ ନେଉଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରକୁ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଉଦ୍‌ଘାଟନ କରିଥିଲେ। ଯୋଜନା ପ୍ରଣୟନ ଏବଂ ଏହାର ସଫଳ ରୂପାୟନ ନିମନ୍ତେ ଭାରତୀୟ ଜନଗଣନାର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ଜିଲାପାଳ ହର୍ଷଦ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସହକାରୀ ଜିଲାପାଳ ଶଙ୍କର ବାଗ ସ୍ୱାଗତ ଭାଷଣ ଦେଇଥିଲେ। ମୋବାଇଲ ଆପ୍ ଦ୍ୱାରା ୨୦୨୧ ଜନଗଣନା ଅତୀତର ଅନ୍ୟ ଜନଗଣନାଠାରୁ ବୈଶିଷ୍ଟ ଥିବା ସେ ମତବ୍ୟକ୍ତ କରିଥିଲେ। ଶିବିରରେ ଗୃହତାଲିକା ଓ ଗୃହଗଣନା ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟରର ସମସ୍ତ ଅଫିସର, ନିଯୁକ୍ତି ସୁପରଭାଇଜର ଓ ଗଣନାକାରୀମାନଙ୍କୁ ନିଜ ଦାୟିତ୍ୱ ଓ ଭୂମିକା ଉପରେ ତାଲିମ ଦିଆଯାଇଥିଲା। ବୁଧବାର ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି।




ତାଲିମ ଶିବିରରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

# ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର

**ଭବାନୀପାଟଣା,୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ ଉପରଝାପି ଗ୍ରାମରେ ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ହରି ମାଝି ଓ ତାଙ୍କ ସ୍ତ୍ରୀ ଲଚିମ ମାଝିଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ରବିବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଗ୍ରରୂପ ନେଇଥିଲା। ଏଥିରେ ସ୍ତ୍ରୀ ଲଚିମ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ୱାମୀ ହରିଙ୍କୁ ଆକ୍ରମଣ କରିଥିଲା। ଫଳରେ ହରିଙ୍କ ବେକରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଥୁଆମୂଳ ରାମପୁର ଥାନାରେ ଏକ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଭାରପ୍ରାପ୍ତ ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଲଚିମଙ୍କୁ ଗିରଫ କରିବା ସହ ଟାଙ୍ଗିଆକୁ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଲଚିମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୁମ୍ଭାର ସୂଚନା ଦେଇଛନ୍ତି।




ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

**ଭବାନୀପାଟଣା, ୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଏଜେନ୍‌ସି ଫର୍ ଏନ୍‌ଭାରମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ (କେଫ୍ୟୁ) ପକ୍ଷରୁ ମଙ୍ଗଳବାର ବିଶ୍ୱ ବନ୍ୟପ୍ରାଣୀ ଦିବସ ଓ ସଚେତନତା ସଭା ଭବାନୀପାଟଣା ବ୍ଲକ ଅଧୀନ ଗଣ୍ଡବାରଖୋଲା ଗ୍ରାମରେ ଅନୁଷ୍ଠିତ ହୋଇଯାଇଚି। ଏଥିରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାଖୁଡ଼, ଗଣ୍ଡବାରଖୋଲା ସମିତି ସଭ୍ୟ ରୁକଧର ମାଝି, ଜିଆର୍‌ଏସ୍ ସୂର୍ଯ୍ୟନାରାୟଣ ବାଗ, କେଫ୍ୟୁର ସମ୍ପାଦକ ହୃଷୀକେଶ ସାହୁ, କମ୍ୟୁନିଟି ମୋବିଲାଇଜର ଗୀତାଞ୍ଜଳି ପଟ୍ଟନାୟକ, ସଂସ୍କୃତି ପ୍ରେମୀ ଭୀମସେନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେଫ୍ୟୁର ପ୍ରତିଷ୍ଠାତା ଡୋଳାମଣି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଞ୍ଚଳର ସାଂସ୍କୃତିକ ଦଳ ଘୁମୁରା ଲୋକନୃତ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ପାଏନ୍ ଲାଗି ଦହଗଁଜ୍ ୩୪ ପଁଚେତ୍‌ର ୧ ଲାଖ୍ ଲୋକ୍

**ଭବାନୀପାଟଣା, ୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମଦନପୁର ରାମପୁର, ଲାଞ୍ଜିଗଡ଼ ଆର ଥୁଆମୂଳ ରାମପୁର ବ୍ଲକର ଅତଡ଼ିଆ ଅଂଚଲମାନକେ ଥିବାର ଗାଁଗଁଡ଼ାର ଲୋକ୍ ଏଭ୍‌ଠାନୁ ପିଇଲା ପାଏନ୍ ଲାଗି ଦହଗଁଜ୍ ହେଉଛନ୍। ଆଗ୍‌କେ ଖରାଦିନ ମାଡ଼ି ଆସୁଛେ। ପରଶାସନ ଏଭ୍‌ଠାନୁ ଇ ଦିଗେ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ। ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲାର ମଦନପୁର ରାମପୁର, ଲାଞ୍ଜିଗଡ଼ ଆର ଥୁଆମୂଳ ରାମପୁର ବ୍ଲକର ପାଖାପାଖି ୩୪ ପଁଚେତ୍‌ର ୧ ଲାଖ୍‌ରୁ ଅଧିକା ଲୋକ୍ ପିଇଲା ପାଏନ୍ ସମସିଆ ସଂଗେ ଯୁଝୁଛନ୍। ମଦନପୁର ରାମପୁର ବ୍ଲକର ଡୁଡୁକାଠେଙ୍ଗା, ବାରବନ୍ଧା, ଉର୍ଲାଦାନୀ, ଲୁବେନଗଡ, ଦେଢ଼ଶୁଳି, ମୋହନଗିରି, ଶିଙ୍ଗପୁର, ଡମ କର୍ଲାଖୁଣ୍ଟା, ଗୋଚ୍ଛାଡେଙ୍ଗେନ ଆର ମାଣିକେରା ପଁଚେତ୍‌ର ଅତଡ଼ିଆ ଅଂଚଲରେ ଥିବାର ଗାଁମାନକେ ଦିନୁଦିନ୍‌କେ ପିଇଲା ପାଏନ୍ ସମସିଆ ବଢ଼ତେଲ ଯାଉଛେ। ସେନ୍‌ତା ଲାଞ୍ଜିଗଡ଼ ବ୍ଲକର ୨୬ଟା ପଁଚେତ୍‌ରୁ କମର୍ଦ୍ଧା, ଭୁର୍ଜିଗଡ଼, କଦମଗୁଡ଼ା, ଗୁଣ୍ଡୁରି ବାଟେଲିମା, ମାଲିଜୁବାଙ୍ଗ, ବନ୍ଧପାରି, ଲାଖବାହାଲି, ଲାଞ୍ଜି, ବେନଗାଁ, ଗୁମଖାଲ ଆର ବିଜେପୁର ଲେଖେଁ ପଁଚେତ୍‌ମାନର ଲୋକ୍ ଏଭ୍‌ଠାନୁ ପାଏନ୍ ଲାଗି ଗୁଲ୍‌ଗୁଲା ହେଉଛନ୍। ଥୁଆମୂଳ ରାମପୁର ବ୍ଲକର ୧୬ଟା ପଁଚେତ୍‌ରୁ ବଡଛତ୍ରଙ୍ଗ, କର୍ଲାପାଟ, ବାଗଡ଼ିଆଣି, ଥୁଆମୂଳ, ବିରିକୋଟ, କେରପାଇ, ଡୁମେରପଦର, କିଆପଦର, ମହୁଲପାଟଣା, ମାଲିଗାଁ, ନାକରୁଣ୍ଡି, କାଣୀଗୁମା ଆର ଅଡ୍ରି ପଁଚେତ୍‌ର ବହୁତ୍ ଗାଁରେ ବଡ଼ଭାରି ପିଇଲା ପାଏନ୍ ସମସିଆ ଦେଖାଦେଇଛେ। ଇ ଅଂଚଲମାନକେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫୁ ଗଭୀର ନଲ୍‌ଟୁଆଁ, ସାନିଟାରୀ ବୋରୱେଲର ବେବସ୍ତା କରାଯାଇଛେ। ହେଲେ ଖରାଦିନ ଆଗ୍‌ରୁ ଭୂତଲ ଜଲ ତଲକେ ପଲେଇ ଯାଉଛେ। ଏନ୍‌ତାଥି ଲୋକ୍‌ମାନେ ପିଇଲା ପାଏନ୍ ସମସିଆରେ ଯୁଝୁଛନ୍। ଇଆଡ଼େ ଗାଁମାନକେ ଥିବାର ନଲ୍‌ଟୁଆଁମାନକର ଦେଖ୍‌ଭାଲ ଠିକ୍ ସମିଆରେ ନାଇଁ ହେବାର ଲାଗି ଅନେକ ନଲ୍‌ଟୁଆଁ ଅଚଲ ହେଇ ପଡ଼ିଛେ। ଏନ୍‌ତାଥି ଅଂଚଲବାସୀ ବଛରକୁତା ଝରନା ପାଏନ୍‌କେ ପିଇଲା ପାଏନ୍ ହିସାବେ ବେଭାର କରୁଥିଲାବେଳେ ଖରାଦିନେ ପାଏନ୍ ଶୁଖିଗଲେ ବାଲିଚୁଆଁ କୁଡ଼ି ସେ ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଛନ୍। ବଛର ବଛର ହେଲା ପିଇଲା ପାଏନ୍ ସମସିଆ ଲାଗି ରହିଥିଲେ ବି ଜିଲା ଆର ବ୍ଲକ ପରଶାସନ ଅନ୍‌ଦେଖା କରୁଥିବାର ଅଂଚଲବାସୀ ଅଭିଯୋଗ କରିଛନ୍। ସେନ୍‌ତା ଖରାଦିନେ ଅଂଚଲବାସୀ ପିଇଲା ପାଏନ୍ ଲାଗି ବହୁତ୍ ଦହଗଁଜ୍ ହେଉଥିବାର କହିଛନ୍। ରାଏଜ୍ ସରକାର ଇ ଦିଗେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ଅଂଚଲର କେତେ ମହିଳା ବାଲିଚୁଆଁରୁ ପାଏନ୍ ନେଉଛନ୍।

**କଳାହାଣ୍ଡି ଜିଲାର ୩ ବ୍ଲକରେ ପାଏନ୍ ସମସିଆ**

- ମଦନପୁର ରାମପୁର ବ୍ଲକର ୧୦ ପଁଚେତ୍
- ଲାଞ୍ଜିଗଡ଼ ବ୍ଲକର ୧୧ ପଁଚେତ୍
- ଥୁଆମୂଳ ରାମପୁର ବ୍ଲକର ୧୩ ପଁଚେତ୍
- ଝରନ୍, ବାଲିଚୁଆଁର ପାଏନ୍ ସାହାଭରସା

# ନାତୁଣୀ ସାଜିଛି ବୃଦ୍ଧ ଦମ୍ପତିଙ୍କ ସାହା ଭରସା

**ବରଗଡ଼ ଅଫିସ୍,୩।୩**

ବରଗଡ଼ ଜିଲା ବିଜେପୁର ବ୍ଲକର ଗଣ୍ଡିଆପାଲି ପଞ୍ଚାୟତ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ଲିଙ୍ଗ ସାହୁ । ବୟସ ୬୦ବର୍ଷ ଟପିଲାଣି। ଇନ୍ଦିରା ଆବାସ ଯୋଜନାରେ ଘରଟିଏ ପାଇଁ ସେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ତାହା ମିଳିପାରି ନାହିଁ। ଅନ୍ୟପଟେ ଥିଲାବାଲାଙ୍କୁ ସେହି ଯୋଜନାରେ ଘର ମିଳୁଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଲିଙ୍ଗ ସୋମବାର ଜିଲାପାଳ ଅଫିସକୁ ଆସିଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଉକ୍ତ କାର୍ଯ୍ୟାଳୟର ଡାକ ସେକ୍ସନରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସେ ଏକ ସ୍ମାରକପତ୍ର ପ୍ରଦାନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଦେବାକୁ ଲିଙ୍ଗ ନିବେଦନ କରିଛନ୍ତି । ଜିଲାପାଳଙ୍କ ଅଫିସରେ ଆମେ ତାଙ୍କୁ ଭେଟିବାବେଳେ ସେ ଆହୁରି କହିଥିଲେ, ତାଙ୍କର ୨ପୁଅ ଆନନ୍ଦ ଓ ତୁଳସୀରାମ। ଆନନ୍ଦ ବାହାରକୁ କାମଧନ୍ଦା ଯାଉଥିବାବେଳେ ତୁଳସୀରାମ ଘର ଜ୍ୱାଇଁ ଅଛନ୍ତି । ନବମ ଶ୍ରେଣୀରେ ପଢୁଥିବା ନାତୁଣୀ ରୀତା ତାଙ୍କ ପାଖରେ ଅଛନ୍ତି ଏବଂ ସେ ହିଁ ଏବେ ତାଙ୍କ ସାହାଭରସା ପାଲଟିଛି । ନାତୁଣୀ ପାଖରେ ରହି ସେବା ଶୁଶ୍ରୂଷା କରୁଥିବା ଯୋଗୁ ସେ ଖାଇବାକୁ ମୁଠାଏ ପାଉଛନ୍ତି । କିନ୍ତୁ ରହିବା ପାଇଁ ଭଲ ବାସଗୃହଟିଏ ନ ଥିବା ଯୋଗୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଲିଙ୍ଗ କହିଛନ୍ତି । ସେହିପରି ଲିଙ୍ଗ ଆହୁରି ଅଭିଯୋଗ କରିଛନ୍ତି, ଉଭୟ ସ୍ତ୍ରୀ, ସ୍ୱାମୀଙ୍କୁ ୫ କି.ଗ୍ରା ଲେଖାଏଁ ଚାଉଳ ମିଳୁଛି । ତାଙ୍କୁ ମାସିକ ୫୦୦ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁଛି । କିନ୍ତୁ ବାରମ୍ବାର ଲେଖି ଜଣାଇବା ସତ୍ତ୍ୱେ ସ୍ତ୍ରୀ ଲତାଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିପାରି ନାହିଁ । ତାଙ୍କର ଅଧ ଏକର ଜମି ରହିଛି । ମାତ୍ର ବର୍ଷକୁ ସେଥିରେ ଥରୁଟିଏ ଚାଷବାସ ହୋଇଥାଏ ।

# ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଭବାନୀପାଟଣା,୩।୩ (ଡି.ଏନ୍.ଏ.)**

**ମଦଭାଟି ଉଚ୍ଛେଦ ଦାବି**

ମଦଭାଟି ଉଚ୍ଛେଦ ସହ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ କର୍ଲାପାଟ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଗୁହାରି କରିଥିଲେ। ପ୍ରକାଶ ଯେ, କର୍ଲାପାଟ ଗ୍ରାମରେ ଏଏନ୍ଏମ୍ ସେଣ୍ଟର, ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ ରହିଛି। ହେଲେ କାର୍ଯ୍ୟାଳୟରେ କୌଣସି ନର୍ସ, ଏଏନ୍ଏମ୍, ଡାକ୍ତର କିମ୍ବା ପ୍ରାଣୀ ଚିକିତ୍ସକ ରହୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କର୍ଲାପାଟ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ବିଭିନ୍ନ ସମୟରେ ବନ୍ଦ ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମନରେଗା ଯୋଜନାରେ ବର୍ଷକୁ ୧୦୦ ଦିନର କାମ ମିଳିବା କଥା ହେଲେ ଅଞ୍ଚଳର ଶ୍ରମିକମାନଙ୍କୁ ୧୦ ଦିନ କାମ ମିଳୁନାହିଁ। ଫଳରେ ପଞ୍ଚାୟତ ବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳା ସଂଘର ସଦସ୍ୟାମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କର୍ଲାପାଟ ପଞ୍ଚାୟତ ଅଞ୍ଚଳରେ ମଦ କୋଠି ଓ ଭାଟି ବନ୍ଦ କରିବାକୁ ମହିଳା ସଂଘର ସଦସ୍ୟାମାନେ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ମହିଳା ସଂଘ ସଦସ୍ୟା ଗୌରା ମାଝି, ରମା ପାତ୍ର, ସୁଷମା ଦାନିବିଶିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ପୋଲିସ ଜନ ସମ୍ପର୍କ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ମେଲଘୁଟୁ ଗ୍ରାମରେ ମଙ୍ଗଳବାର ବିଶ୍ୱନାଥପୁର ପୋଲିସ ପକ୍ଷରୁ ଆମ ପୋଲିସ ଜନ ସମ୍ପର୍କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁର ଥାନା ଅଧିକାରୀ ରୁନୁ କୁମାରୀ ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଖରୀବନ୍ଧ ସରପଞ୍ଚ କାମେଶ୍ୱର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ପୋଖରୀବନ୍ଧ ସମିତି ସଭ୍ୟା ଲକ୍ଷ୍ମୀ ମାଝି, ବିଶ୍ୱନାଥପୁର ପୂର୍ବତନ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେଆଇନ ମଦ କାରବାର, ଦାଦନ ସମସ୍ୟା, ଶିଶୁ ଶ୍ରମିକ, ଗୁଣିଗାରିଡି ଅନ୍ଧବିଶ୍ୱାସ, ଜୁଆ, ସଟା ଖେଳ, ସଡ଼କ ସୁରକ୍ଷା, ମୋ ସରକାରଙ୍କ ୫ଟି ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଏପରି କି ପୋଲିସ ଏବଂ ଜନସାଧାରଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହିଳାମାନଙ୍କୁ ଶାଢୀ ପ୍ରଦାନ କରାଯିବା ସହିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏପରି କି ଜନସାଧାରଣଙ୍କୁ ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଖରୀବନ୍ଧ, କର୍ଲାକୁପା, ଦାର୍ପଟା, ବିନାୟକପୁର, ପୋଡାଉମେର, ମୁକୁନ୍ଦପୁର, ବେନି ପୋଖରୀ ଆଦି ଗ୍ରାମର ୪ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱନାଥପୁର ଥାନା ଅଧିକାରୀ ରୁନୁ କୁମାରୀ ମାଝି ପରିଚାଳନା କରିଥିବା ବେଳେ ଏସ୍‌ଆଇ ରାଓ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମେଲଘୁଟୁ, ବିନାୟକପୁର ଗ୍ରାମବାସୀଙ୍କ ସହ ବିଶ୍ୱନାଥପୁର ଥାନା କର୍ମଚାରୀ ସହଯୋଗ କରିଥିଲେ।



ପୋଲିସ ଜନ ସମ୍ପର୍କ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣ।



"ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ଜାତୀୟ ବିଜ୍ଞାନ ଦିବସ ପାଳିତ

**କୁଆଁରମୁଣ୍ଡା,୩।୩ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ୪ର୍ଥରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିବନ୍ଧ, ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଞ୍ଚ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଆଚାର୍ଯ୍ୟ ପ୍ରଶାନ୍ତ ମହାନ୍ତି ଏହି ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଚାର୍ଯ୍ୟ ବିଦ୍ୟାଧର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ଖବରପ୍ରକାଶିତ ପରେ ଘର ଛାତ ପକାଇଲେ ନାଏବ ସରପଞ୍ଚ

**ବଡଗାଁ, ୩।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡଗାଁ ପଞ୍ଚାୟତ ଲଟାଗାଁ ଚଳନାମୁଣ୍ଡା ପଡାର ବିଧବା ବୃଦ୍ଧା ସରସ୍ୱତୀ ନାଏକଙ୍କୁ ଅଢ଼େଇ ବର୍ଷ ପୂର୍ବେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ନିର୍ମାଣ କରାଇଦେବି କହି ବଡଗାଁ ନାଏବ ସରପଞ୍ଚ କେଶବ କର୍ସେଲ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନେଇ ଅତି ନିକୃଷ୍ଟ ମାନର ଇଟାରେ ଘର ତିଆରି କରି ଅସମ୍ପୂର୍ଣ୍ଣ ରଖିଥିଲେ। ଏ ସମ୍ପର୍କିତ ଖବର ଧରିତ୍ରୀରେ ୨୭ ତାରିଖ ପ୍ରକାଶ ପାଇଲା ପରେ ସେହି ଦିନ ବିଡିଓ କ୍ଷେମାନିଧି ଭୋଇ ନାଏବ ସରପଞ୍ଚ କର୍ସେଲଙ୍କୁ ଅଫିସ ଡକାଇ ତୁରନ୍ତ ଘର ସଂପୂର୍ଣ୍ଣ କରିବାକୁ ତାଗିଦ କରିବାରୁ ଗତମାସ ୨୮ ତାରିଖ ଅସମ୍ପୂର୍ଣ୍ଣ ଥିବା କାମ ମଧ୍ୟରୁ ଛାତ ପକାଇଛନ୍ତି। ସୂଚନାଯୋଗ୍ୟ ଯେ, ଘର ତିଆରି କରିଦେବି କହି ବିଧବା

**ପିଏମଏୱାଇ ଘର ଅସମ୍ପୂର୍ଣ୍ଣ ଘଟଣା**

ବୃଦ୍ଧାଙ୍କୁ ବ୍ୟାଙ୍କ ନେଇ ୪ଟି ପର୍ଯ୍ୟାୟରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇନେଇଥିଲେ ମଧ୍ୟ ଛାତ ପକାଇ ନ ଥିଲେ। ତେବେ ବୃଦ୍ଧାଙ୍କ ଘର ଛାତ ପକାଇଥିଲେ ମଧ୍ୟ ଏ ଯାଏଁ ପ୍ଲାଷ୍ଟର, ଝରକା, କବାଟ, ଫ୍ଲୋରିଂ କାମ କରାଇନାହାଁନ୍ତି। ଏହି ବୃଦ୍ଧାଙ୍କ ସହିତ ସେହି ପଡାର ସୁରେଖା ନାଏକ ଓ ଆଉ କେତେକ ବ୍ୟକ୍ତିଙ୍କ ପିଏମଏୱାଇ ଘର କରାଇଦେବି କହି ନାଏବ ସରପଞ୍ଚ ତାଙ୍କ ଇଟା ଭାଟିର ବିକ୍ରି ଅନୁପଯୋଗୀ ଅତି ନିକୃଷ୍ଟ ମାନର ଇଟା ଗୁଡିକୁ ବ୍ୟବହାର କରିଛନ୍ତି। ତେବେ ନାଏବ ସରପଞ୍ଚ ହୋଇ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଘର ଅସମ୍ପୂର୍ଣ୍ଣ ରଖିବା, ନିକୃଷ୍ଟ ଇଟା ବ୍ୟବହାର କରିଥିବା ବେଳେ ଠିକସମୟରେ ଘର କାମ ସମ୍ପୂର୍ଣ୍ଣ ନ କରିବାରୁ ହିତାଧିକାରୀ କ୍ଷତିରେ ପଡିଛନ୍ତି। ଘର କାମ ୪ମାସ ମଧ୍ୟରେ ସଂପୂର୍ଣ୍ଣ କରିଥିଲେ ହିତାଧିକାରୀ ଅଧିକ ୨୦ ହଜାର ଟଙ୍କା ପାଇଥାନ୍ତେ। ବିଳମ୍ବ ଯୋଗୁଁ ଏହି ଲାଭରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କିତ ଖବରପ୍ରକାଶିତ ହେଲା ପରେ ପଞ୍ଚାୟତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପିଏମଏୱାଇ ଘର ପାଇନଥିବା ବ୍ୟକ୍ତିଙ୍କୁ (ଆବେଦନ କରି) ନେଇ ଯେଉଁ ଜନ ପ୍ରତିନିଧି ବ୍ଲକ ଅଫିସରେ ସମବେତ କରାଇଥିଲେ ସେ ବିଧବା ବୃଦ୍ଧାଙ୍କ ଠାରୁ ଟଙ୍କା ନେଇ ଅଢ଼େଇ ବର୍ଷ ଅସଂପୂର୍ଣ୍ଣ ରଖିବା, ନିଜ ଇଟା ଭାଟିର ନିକୃଷ୍ଟ ଇଟା ଏହାରି ମାଧ୍ୟମରେ ବିକ୍ରି କରି ହିତାଧିକାରୀଙ୍କୁ ଠକିବା ଦୁର୍ଭାଗ୍ୟଜନକ ବୋଲି ଚର୍ଚ୍ଚା ଆଲୋଚନ ହେଉଛି।

# କେନ୍ଦୁପତ୍ର ଶ୍ରମିକଙ୍କ ଗଣଧାରଣା

**ବଣାଇ, ୩।୩(ସ୍ୱ.ପ୍ର.)**

**ବଣାଇରେ ୬ଦଫା ଦାବି ନେଇ ଆନ୍ଦୋଳନ**

ବଣାଇ କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ୬ଦଫା ଦାବି ନେଇ କେନ୍ଦୁପତ୍ର ଶ୍ରମିକମାନେ ଗଣଧାରଣା ଦେଇଥିବା ଜଣାପଡିଛି। ଏଥିରେ ସିଜିନାଲ କର୍ମଚାରୀ ଓ ଜଗୁଆଳି ମାନଙ୍କ ଦରମା ସର୍ବନିମ୍ନ ବର୍ଦ୍ଧିତ ମଜୁରୀ ହାରରେ ପ୍ରଦାନ କରିବା, କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀମାନେ ପୂର୍ବବତ୍ ସାମାଜିକ ସୁରକ୍ଷା ଲାଗୁ କରିବା, କେନ୍ଦୁପତ୍ର ବିକ୍ରୀ ନିତିରେ ସଂଶୋଧନ କରିବା, କେନ୍ଦୁପତ୍ର ତୋଳାଳିଙ୍କ ଠାରୁ ୨ହାଜାର କେନ୍ଦୁପତ୍ର କେରୀ ବଦଳରେ ୧ ହଜାର କେନ୍ଦୁପତ୍ର କେରୀ ନେବା, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର କରିବା ଏବଂ କେନ୍ଦୁପତ୍ର ଫଡି, ସେକସନ୍‌ରେ ଉଠାନଯିବା ସଙ୍ଗେସଙ୍ଗେ ସିଜିନାଲ କର୍ମଚାରୀଙ୍କ ଛଟେଇ ବନ୍ଦ କରିବା ଦାବି ହୋଇଛି। ଏନେଇ ବଣାଇଁରେରେ ଥିବା ୪୬ଟି ଫଡିର କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ଜଗୁଆଳି, ବନ୍ଧେଇ ଶ୍ରମିକ, ଗୋଛା କଟାଳି ଏବଂ ଅନ୍ୟାନ୍ୟ ଶ୍ରମିକ ଏକତ୍ରିତ ହୋଇ ଗଣଧାରଣାରେ ବସିଥିଲେ। ଏଥିରେ ସଂଘର ସମ୍ପାଦକ ତିଲୋଚନ କିସାନ, ହେଡଚେକର ବିଜୟ କୁମାର ମାହାନ୍ତି, ପୁରନ୍ଦର ସାହୁ, ପଦ୍ମଲୋଚନ କିଷାନ, ପ୍ରଦୀପ ଅଢା, ବିରବଲ ବାନରା, ଶୁକ୍ରୁ କିସାନ, କଣେଶ୍ୱର ଡଗରା, ସାନିକା ଓରାମ, ଆମୁଲାନ ଓରାମ ପ୍ରମୁଖ ଗଣଧାରଣାରେ ସାମିଲ ହୋଇ ସରକାରଙ୍କର କେନ୍ଦୁପତ୍ର ନୀତିକୁ ଦୃଢ ସମାଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଣାଇଁ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ସରକାର ତାଙ୍କ ଦାବି ପୂରଣ ନ କଲେ ଆସନ୍ତା ୧୧ ତାରିଖ ରାସ୍ତାରୋକୋ ଆନ୍ଦୋଳନ କରିବେ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।



କେନ୍ଦୁପତ୍ର ଶ୍ରମିକମାନେ ଗଣଧାରଣା ଦେଇଛନ୍ତି।

# ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ

**ହେମଗିର, ୩।୩ (ଡି.ଏନ.ଏ)**

**■ ଭୁଜାଲି ଆକ୍ରମଣରେ ବଡ଼ଭାଇ ମୃତ**
**■ ବଞ୍ଚାଇବାକୁ ଯାଇ ସାନ ଭାଇ ଗୁରୁତର**

ବସୁନ୍ଧରା ଓ କୁଲଡା କୋଇଲା ଖଣିରେ ଶହ ଶହ ଭାରିଯାନ କୋଇଲା ପରିବହନ ପାଇଁ ଲାଗିଥିବା ବେଳେ ଏଥିରେ ରାଜ୍ୟ ବାହାରୁ ବହୁ ଗାଡିଚାଳକ ସାମିଲ ହୋଇଛନ୍ତି। ଅନେକ ସମୟରେ ସେମାନଙ୍କ ଭିତରେ ଲୋଡିଂକୁ ନେଇ ଶତ୍ରୁତା ବୃଦ୍ଧି ପାଇଥାଏ। ଯାହା ପରବର୍ତ୍ତି ସମୟରେ ହତ୍ୟାକାଣ୍ଡ ତଥା ଗଣ୍ଡଗୋଳର ରୂପ ନେଇଥାଏ । ଏପରି ଏକ ଘଟଣା ଗତ ୨ ତାରିଖ ସୋମବାର ଅପରାହ୍ନ ୨ଟା ପାଖାପାଖି କୁଲଡା ଖଣି ନମ୍ବରିଂ ପଏଣ୍ଟରେ ଘଟିଯାଇଛି। ସେଠାରେ ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ କଟଙ୍ଗ ଗାଁର ଟ୍ରେଲର ଚାଳକ ଅମିତ ସେନ (୨୪)ଙ୍କୁ ଜଣେ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଅମିତଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ଘଟଣାକୁ ଭାଇ ଅବିର ସେନ (୨୩) ଦେଖିବା କ୍ଷଣି ଭାଇ ପାଖକୁ ବଞ୍ଚାଇବା ପାଇଁ ଦୌଡିଥିଲେ। ଏହା ଦେଖି ଦୁର୍ବୃତ୍ତ ଜଣକ ଅବିର ସେନକୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ସେ ମଧ୍ୟ ଗୁରୁତର ହୋଇପଡିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇ ପୁଣି ବ୍ରୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ଏହିପରି ଘଟଣା ଏଠାରେ ଅନେକ ଘଟୁଥିଲେ ମଧ୍ୟ ଏହାର ସୁରକ୍ଷା ଦିଗରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଯାହାଦ୍ୱାରା ଏପରି ଜଘନ୍ୟ କାର୍ଯ୍ୟ ବୃଦ୍ଧି ପାଉଛି। ଘଟଣା ପରେ ପୋଲିସ ଶବକୁ ଜବତ କରିବା ସହ ଅନୁସନ୍ଧାନ ଜାରି ରଖିଛି। ସୂଚନା ମୁତାବକ ସେହି ନମ୍ବରିଂ ପଏଣ୍ଟରେ ଲାଗିଥିବା ଦୁଇଟି ଟ୍ରେଲର ଡ୍ରାଇଭର ଫେରାର ଅଛନ୍ତି। ଏପରି ସ୍ଥଳେ ସେଠାରେ ଜନସାଧାରଣ ତଥା ଚାଳକମାନଙ୍କ ପକ୍ଷରୁ ଶବ ରଖି ସକାଳ ୭ଟାରୁ ଏମସିଏଲର ମୁଖ୍ୟ ରାସ୍ତାରେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା।

# ଟ୍ରେଲର- ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ଦୁଇ ଆହତ

**ହେମଗିର, ୩।୩ (ଡି.ଏନ.ଏ)**

ହେମଗିର ଥାନା ଅନ୍ତର୍ଗତ ଲୁଆବାହାଲ ଟପରିଆ ମୁଖ୍ୟ ରାସ୍ତାରେ ଏକ କୋଇଲା ବୋଝେଇ ଟ୍ରେଲର ସହ ଏକ ବାଇକରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ଗତ ସୋମବର ଛତିଶଗଡ ରାଜ୍ୟର ତମନାର ଥାନା ଅନ୍ତର୍ଗତ ଆସେନପାଲି ଗ୍ରାମର ଯୋଗେଶ୍ୱର ସାହୁ (୪୮) ଚକ୍ରା ଗ୍ରାମକୁ ଆସିଥିଲେ। ପରେ ସେମାନେ କୌଣସି କାମ ନେଇ ନିକଟସ୍ଥ କନ୍ଦାଧୂଡା ଗ୍ରାମକୁ ସନ୍ଧ୍ୟା ସମୟରେ ବୁଲିବାକୁ ଯାଇଥିଲେ। ଗଲାବେଳେ ଯୋଗେଶ୍ୱର ସାହୁ, ଯୋଗେଶ୍ୱର ସା ଓ ମୁକ୍ତେଶ୍ୱର ସା (୪୫) ଏକ ବାଇକ ନଂ. ସିଜି ୧୩ ଭି- ୮୧୦୯ ଯୋଗେ ଯାଇଥିଲେ। ସେମାନେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଚକ୍ରାକୁ ଫେରୁଥିବା ବେଳେ ମଝି ରାସ୍ତାରେ ଅପରପଟୁ ଆସୁଥିବା ଏକ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଯୋଗେଶ୍ୱର ସାହୁ ଟ୍ରଲର ଚକ ତଳେ ପଡିଯାଇଥିଲେ ଓ ତାଙ୍କ ମୁଣ୍ଡ ଉପରେ ଚକଟି ମାଡି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣକୁ ବିଲେଇମୁଣ୍ଡା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ଯୋଗେଶ୍ୱର ସାଙ୍କୁ ହେମଗିର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ହେମଗିର ଥାନାରେ କେଶ ନଂ. ୪୪/୨୦ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଜାତୀୟସ୍ତରରେ କଟାରୁ ହାଇସ୍କୁଲ ସମ୍ମାନିତ

**କୁଆଁରମୁଣ୍ଡା,୩।୩(ଡି.ଏନ.ଏ.)**

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକ କଟାରୁ ହାଇସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର କ୍ଷେତ୍ରରେ ସଫଳ ନେତୃତ୍ୱ ନେଇଥିବାରୁ ଓଡିଶା ରାଜ୍ୟରୁ ତାଙ୍କୁ ନୂଆଦିଲ୍ଲୀରେ ସମ୍ମାନିତ କରାଯାଇଛି। ନିପା (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନାଲ ପ୍ଲାନିଂ ଆଣ୍ଡ ଆଡମିନିଷ୍ଟ୍ରେଶନ) ପକ୍ଷରୁ ଗତ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଆୟୋଜିତ ଜାତୀୟସ୍ତରୀୟ ଶିକ୍ଷା କାର୍ଯ୍ୟକ୍ରମରେ କଟାରୁ ହାଇସ୍କୁଲ ପ୍ରଧାନଶିକ୍ଷକ ମହାପାତ୍ରଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଛି। ଓଡିଶାରୁ ଏକମାତ୍ର ହାଇସ୍କୁଲ ଭାବେ କଟାରୁକୁ ଏହି ସମ୍ମାନ ମିଳିଥିବାରୁ ସ୍କୁଲ ପରିଚାଳନା ସମିତି, ସ୍ଥାନୀୟ ଶୁଭେଚ୍ଛୁ, ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ,କଟାରୁ ସରପଞ୍ଚ ଓ ଅନ୍ୟମାନେ ପ୍ରଧାନଶିକ୍ଷକ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବଣଜଙ୍ଗଲ, ନଦୀ, ନାଳ ଘେରା କଟାରୁ ପଞ୍ଚାୟତରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦ୍ୱାରା ସ୍କୁଲରେ ଉପସ୍ଥାନ ବୃଦ୍ଧି କରି ଅଞ୍ଚଳବାସୀଙ୍କୁ ଶିକ୍ଷିତ କରିବା ସହ ସାମାଜିକ କୁସଂସ୍କାର ଯଥା ବାଲ୍ୟ ବିବାହ, ନିଶା ନିବାରଣ, ଅନ୍ଧ ବିଶ୍ୱାସ ଇତ୍ୟାଦିରୁ ମୁକ୍ତିପାଇଁ ବ୍ୟାପକ ଜନସଚେତନତା ବୃଦ୍ଧି କରିବା କ୍ଷେତ୍ରରେ ପ୍ରଧାନଶିକ୍ଷକ ମହାପାତ୍ର ସ୍ୱତନ୍ତ୍ର ନେତୃତ୍ୱ ନେଇ ଏହି ସଫଳତା ସ୍କୁଲ ପାଇଁ ଆଣିପାରିଛନ୍ତି। ଅନ୍ୟ ପକ୍ଷରେ ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ମହାପାତ୍ର ସ୍ଥାନୀୟ ସ୍କୁଲ ପରିଚାଳନା ସମିତିଠାରୁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଓ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ନିର୍ଦ୍ଦେଶକଙ୍କ ସମ୍ମିଳିତ ଉଦ୍ୟମକୁ ଧନ୍ୟବାଦ ଦେଇଛନ୍ତି।




ସୁନ୍ଦରଗଡ଼ କଟାରୁ ହାଇସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କୁ ଦିଲ୍ଲୀରେ ନିପା ପକ୍ଷରୁ ମାନପତ୍ର ପ୍ରଦାନ କରାଯାଉଛି।

# ଖଣ୍ଡାଧାରଠାରେ ଚାଲିଥିବା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲହୁଣୀପଡା, ୩।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ବୁଢ଼ାଭୁଇଁଠାରେ ଥିବା ଖଣ୍ଡାଧାର ଜଳ ପ୍ରପାତଠାରେ ଚାଲିଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସିଏଫ ମହେନ୍ଦ୍ର କୁମାର ନାଥ, ସମ୍ମାନିତ ଅତିଥି ଭାବେ ଫରେଷ୍ଟର କୈଳାଶ ଚନ୍ଦ୍ର କିଷାନ ଯୋଗଦେଇଥିଲେ। ଡ. ସମରେନ୍ଦ୍ର ନାଥ ବିଶ୍ୱାସ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ୧୦ ଦିନିଆ ପ୍ରଶିକ୍ଷଣ ଶିବିରରେ ମୋଟ ୪୦ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ତଥା ସୁପ୍ରସିଦ୍ଧ ଖଣ୍ଡାଧାର ଜଳପ୍ରପାତକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଉତ୍ତମ ସେବା ଯୋଗାଇଦେବା, ଆଶ୍ରୟ ସ୍ଥଳ ପାଇବାରେ ସହଯୋଗ କରିବା ଖଣ୍ଡାଧାରଠାରେ ଥିବା ସମସ୍ତ ଅତିଥି ଗୃହ ସଂରକ୍ଷଣ ପରିମଳ ବ୍ୟବସ୍ଥାର ସୁପରିଚାଳନା କରିବା ଏବଂ ସମୟ ସହିତ ଖାପଖୁଆଇ ପର୍ଯ୍ୟଟକଙ୍କ ନିକଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଉଦ୍ୟମ କରିବା ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇଥିଲେ। ବଣାଇ ବନଖଣ୍ଡ ତଥା କୁଳିପୋଷ ରେଞ୍ଜ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟର କର୍ମକର୍ତ୍ତାମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ୧୦ ଦିନିଆ ପ୍ରଶିକ୍ଷଣ ଶିବିରରେ ମୋଟ ୪୦ଜଣ ଗାଇଡଙ୍କୁ ଉଦଯାପନୀ ଉତ୍ସବରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି।

# ତିଲଡେଗା ଭୋଇପଡ଼ାରେ ନାମସଂକୀର୍ତ୍ତନ ସମାପନ

**ବାଲିଶଙ୍କରା,୩।୩(ଡି.ଏନ.ଏ):** ବାଲିଶଙ୍କରା ବ୍ଲକର ତିଲଡେଗା ଭୋଇପଡାଠାରେ ଷୋହଳ ପ୍ରହରୀ ନାମସଂକୀର୍ତ୍ତନ୍ୟ ସମାପନ ହୋଇଯାଇଛି। ୨୭ ତାରିଖ ଗ୍ରାମର ନିକଟତ୍ତମ ପୋଖରୀରୁ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଧାରଣ କରି ମଣ୍ଡପରେ ସ୍ଥାପନ କରିଥିଲେ। ୨୮ ତାରିଖ ନାମ ଆରମ୍ଭ କରି ଦିବାରାତ୍ର ନାମ ସଂକୀର୍ତ୍ତନ୍ୟ କରିଥିଲେ। ରବିବାର ଗ୍ରାମ ପରିକ୍ରମା କରି ଦଧିଭାଣ୍ଡ ଭଞ୍ଜନ କରାଯାଇଛି। ଉକ୍ତ ଉତ୍ସବରେ କର୍ତ୍ତାରୂପେ ତରଣୀ ଭୋଇ ସହଧର୍ମଣୀ ଧନେଶ୍ୱରୀ ଭୋଇ, ପୂଜକ ଭାବେ ଶେଷଦେବ ତ୍ରିପାଠୀ ତୁଲାଇଥିଲେ। ସମାରୋହରେ ଭଣ୍ଡାରୀଶଙ୍କରା ମହିଳା ସଂକିର୍ତ୍ତନ୍ୟ ମଣ୍ଡଳୀ, ତିଲଡେଗା ମହିଳା, ତିଲଡେଗା ଜୟଜଗନ୍ନାଥ ବନ୍ଦବାହାଲ, ଗାଇଡେଗା, ଜବଳାଡିହ, କିନିକିବନ୍ଧ, କିଞ୍ଜିରକେଲା ଏପରି ୨୦ଟିସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ।

# ଡମ୍ଫର –ସ୍କୁଟି ଧକ୍କାରେ ସ୍ୱାମୀ ମୃତ

**ଟେନ୍‌ସା, ୩।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ରାସ୍ତାରେ ମଙ୍ଗଳବାର ଅପରାହ୍ନ ୩ଟାରେ ସ୍ୱାମୀ ସ୍ତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେମାନେ ଏକ ସ୍କୁଟିରେ ରାଉରକେଲା ଯାଉଥିବା ବେଳେ ଏକ ଡମ୍ଫର ଧକ୍କା ଦେବାରୁ ସ୍ୱାମୀ ଘଟଣା ସ୍ଥଳରେ ମୃତ୍ୟୁ କରିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ଘର ଟେନସା ହୋଇଥିବାରୁ ପରିବାରର ଲୋକେ ପହଞ୍ଚିବା ପୂର୍ବରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଠାଇ ନେଇ ଯିବାରୁ ପରିବାରର ଲୋକେ ଆମ ମୃତଦେହ କାହିଁକି ଉଠାଇ ନେଲେ ତୁରନ୍ତ ଫେରାଅ କହି ଘଟଣା ସ୍ଥଳରେ ରାସ୍ତାରୋକୋ କରିଛନ୍ତି। ଟେନସାର ଶନି ଗୋଛୟତ ତାଙ୍କ ସ୍ତ୍ରୀ ସହିତ ମିଶି ଭୋଜି ଖାଇବାକୁ ନିଜ ସ୍କୁଟି ଓଡି ୧୪ ଏଲ- ୭୪୭୩ରେ ରାଉରକେଲା ଯାଉଥିଲେ। ଟେନସା ନିକଟସ୍ଥ ବରସୁଆଁ ରାସ୍ତାରେ ଟେନସା ଆଡେ ଆସୁଥିଲେ। ଓଆର ୦୯ ଇ୦ ୭୧୨୮ ନଂ. ଏକ ଡମ୍ଫର ସ୍କୁଟିକୁ ଏତେ ମାତ୍ରାରେ ଧକ୍କା ଦେଲା ଯେ, ସ୍ତ୍ରୀ ଛିଟିକି ପଡିବା ବେଳେ ସ୍କୁଟି ସହ ଶନି ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଶନିର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଟେନସା ମେଡିକାଲ ନେଇଥିଲେ ସେଠାରୁ ତାଙ୍କୁ ରାଉରକେଲା ସରକାରୀ ମେଡିକାଲକୁ ପଠାଇ ଦିଆଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଆସିଥିବା ଅବସରରେ ବିଭିନ୍ନ ଯୋଜନାର ସହାୟତା ହିତାଧିକାରୀଙ୍କୁ ପ୍ରଦାନ କରୁଛନ୍ତି।

# ଏଥର ନିରାଶ କଲେନି ମୁଖ୍ୟମନ୍ତ୍ରୀ

**ସୁନ୍ଦରଗଡ,୩।୩(ଡି.ଏନ୍.ଏ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସୁନ୍ଦରଗଡ ଗସ୍ତରେ ଆସି ଜିଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗତ ଫେବୃଆରୀ ୨ ତାରିଖରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ତାହା ଶେଷ ମୁହୂର୍ତ୍ତରେ ବାତିଲ ହୋଇ ଯାଇଥିଲା। ଫଳରେ ଛାତ୍ରୀଛାତ୍ର ଓ ସୁନ୍ଦରଗଡବାସୀଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି ହୋଇଥିଲା। ମାତ୍ର ଏହାର ଠିକ ଗୋଟିଏ ମାସ ପରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଗସ୍ତରେ ଆସିଲେ। ହେଲେ ନିର୍ଦ୍ଧାରିତ ସମୟରେ ମୁଖ୍ୟମନ୍ତ୍ରୀ ନ ପହଞ୍ଚିବା ଦେଖି ସଭାରେ ଉପସ୍ଥିତ କିଛି ଲୋକ ଆରେ ଏଥର ବି କଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ବାତିଲ ହେଲା କି ବୋଲି କୁହାକୁହି ହେଉଥିଲେ। କିନ୍ତୁ ବିଳମ୍ବରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପରିଶେଷରେ ପହଞ୍ଚି ଜିଲାର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ସୁନ୍ଦରଗଡବାସୀଙ୍କ ନିରାଶା ଭାବ ଦୂର କରିଛନ୍ତି।

**■ ସଭାମଞ୍ଚରେ ଆସନକୁ ନେଇ ସାରଦାଙ୍କ ଧାଁଧପଡ଼**

ମୁଖ୍ୟମନ୍ତ୍ରୀ ସଭାମଞ୍ଚକୁ ପହଞ୍ଚି ଆସିବା ଦେଖି ମଂଚରେ ଥିବା କେଉଁ ଆସନରେ କିଏ ବସିବ ସେ ନେଇ ବିଧାୟକ ସାରଦା ବାବୁଙ୍କୁ ବେଶ କିଛି ସମୟ ଧାଁ ଧପଡ ହେବାକୁ ପଡିଥିଲା। ମଞ୍ଚ ଉପରେ ବସିବାକୁ ଥିବା ମେଂଚାଏ ବିଜେଡି ନେତାଙ୍କ ମଧ୍ୟରୁ କିଏ କେଉଁ ଆସନରେ ବସିବ ସେ ନେଇ ଶାରଦା ବାବୁ ସୁନ୍ଦରଗଡର ରାଜମାତା ପଦ୍ମିନୀ ଶେଖରଦେଓଙ୍କୁ ଗୋଟିଏ ଆସନରୁ ଉଠାଇ ଅନ୍ୟ ଏକ ଆସନରେ ବସାଇଥିଲେ।

**■ ପ୍ରେସ ଗ୍ୟାଲେରୀରେ ମାଡ଼ି ବସିଲେ ଦଳୀୟ କର୍ମୀ**

ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଖବର ସଂଗ୍ରହ କରିବା ପାଇଁ ଯାଇଥିବା ଖବର ଦାତା ମାନଙ୍କୁ ବେଶ ହଟହଟା ହେବାକୁ ପଡିଥିଲ। ଖବରଦାତା ମାନେ ପହଂଚିବା ପୂର୍ବରୁ ଜିଲାର ବିଭିନ୍ନ ଅଂଚଳରୁ ଆସିଥିବା ଦଳର ଭିଆଇପି ନେତା ଓ କର୍ମୀ ମାନେ ପ୍ରେସ ଗ୍ୟାଲେରୀକୁ ମାଡି ବସିଥିଲେ। ହାତଗଣତି କିଛି ଖବରଦାତା ବସିବା ପାଇଁ ସିଟ୍ ପାଇଥିବା ବେଳେ ଅନେକଙ୍କୁ ଠିଆହୋଇ ଖବର ସଂଗ୍ରହ କରିବାକୁ ପଡିଥିଲା। ହେଲେ ପ୍ରେସ ଗ୍ୟାଲେରୀରେ ଭିଡ ଜମାଇଥିବା କିଛି କର୍ମୀ ମୋବାଇଲରେ ମୁଖ୍ୟମନ୍ତ୍ରୀ ଫଟୋ ଉଠାଇବା ପାଇଁ ବେଶ ଠେଲା ପେଲା ହେଉଥିବା ଦେଖିବାକୁ ମିଳିଥିଲା।

**■ ଆଦିବାସୀଙ୍କ ନାଚଗୀତରେ ଦୁଲୁକିଲା ସୁନ୍ଦରଗଡ ସହର**

ମୁଖ୍ୟମନ୍ତ୍ରୀ ସଭାରେ ଯୋଗଦେବା ପାଇଁ ସୁନ୍ଦରଗଡ ଜିଲାର ବିଭିନ୍ନ ଅଂଚଳରୁ କର୍ମୀ ମାନେ ବିଭିନ୍ନ ଗାଡି ମୋଟରରେ ଆସି ପହଞ୍ଚିବାରୁ ସହରର ମୁଖ୍ୟ ରାସ୍ତା ଗୁଡିକରେ ଟ୍ରାଫିକ ଜାମ ହୋଇଥିଲା। ଫଳରେ ଏହି ସମୟରେ ଯାଉଥିବା ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ସାଧାରଣ ଯାନବାହାନ ଗୁଡିକ ଭିଡ ଅତିକ୍ରମ କରିବା କାଠିକର ପାଠ ହୋଇଥିଲା। ଏପରିକି ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀଙ୍କ ନାଚଗୀତରେ ସୁନ୍ଦରଗଡ ସହର ଦୁଲୁକି ଉଠିଥିଲା।

**■ ମୁଖ୍ୟମନ୍ତ୍ରୀଙ୍କ ସହ ସେଲଫି**

ସଭା ମଂଚରେ ବିଜୁ ଯୁବ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କୁ ସମର୍ଥନ ଦେବା ସମୟରେ ଜଣେ ପୂର୍ବତନ ଉପନଗରପାଳ ଓ ପୂର୍ବତନ କାଉନସିଲର ସେଲଫି ନେବା ପାଇଁ ଠେଲାପେଲା ଦୃଶ୍ୟ ବେଶ ରୋଚକ ହୋଇଥିଲା।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ

## ସଂକ୍ଷେପରେ

### ଝଡ଼ତୋଫାନ, କରା ମାଡ଼, ଗଛପଡ଼ି ରାସ୍ତା ଅବରୋଧ

**ଲଖନପୁର,୩।୩ (ଡି.ଏନ୍.ଏ.):** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌ରେ ମଙ୍ଗଳବାର ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ଝାଡତୋଫାନ ସାଙ୍ଗକୁ ପ୍ରବଳ କରାମାଡ ହୋଇଥିଲା। କରା ମାଡ ହେବା ଫଳରେ ବାହାରେ ଚରୁଥିବା ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷୀ ଆହତ ହୋଇଛନ୍ତି। କିରିଡିମାଲ, ଚିକିଲି, ରେମତା, ସରଧା, ମହୁଦି, ସେମିଲିଆ, ଶୁଖାସୋଢ଼ା, ମହୁଲପାଲି, କଣ୍ଢେଇକେଲା, ମୁରଲିପାଲି, ଧୁଲୁଣ୍ଡା, ଚାଣ୍ଡିପାଲି, ସରେଇପାଲି ଓ ଚାରପାଲି ଆଦି ଗ୍ରାମ ପ୍ରଭାବିତ ହୋଇଛି। ଚାଷ ଉଜୁଡି ଯାଇଛି। ରେମତା ପଞ୍ଚାୟତ ସେମିଲିଆ ଗ୍ରାମରେ ଗଛପଡି ରାସ୍ତା ଅବରୋଧ ହେବା ଫଳରେ ସ୍କୁଲ୍ ଭ୍ୟାନ୍ ଓ ଅନ୍ୟାନ୍ୟ ଯାନବାହାନ ଅଟକି ରହିଥିଲା। କଣ୍ଢେଇକେଲା ପଞ୍ଚାୟତ ମହୁଲପାଲି ସେତୁ ନିର୍ମାଣରେ ନିୟୋଜିତ ହୋଇଥିବା ଠିକାସଂସ୍ଥାର କ୍ୟାମ୍ପକୁ ସମ୍ପୂର୍ଣ୍ଣ ଉଡାଇ ଦେଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଉପରେ ଗଛ ଡାଳ ପଡି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଫଳରେ ଏହିସବୁ ଅଞ୍ଚଳ ଅନ୍ଧାରରେ ରହିଛି।

# ଆଇନ ମାନୁନାହାନ୍ତି ସରକାରୀ ବାବୁ

**ଝାରସୁଗୁଡ଼ା ଅଫିସ,୩।୩**

- ଭଡ଼ାରେ ଲାଗିଛି ବ୍ୟକ୍ତିଗତ ଗାଡ଼ି
- ଅନେକ ଗାଡ଼ିର ଫିଟ୍‌ନେସ୍, ବୀମା, ପ୍ରଦୂଷଣ ପ୍ରମାଣପତ୍ର ନାହିଁ

ମୋଟର ଯାନ ଆଇନ ପରିବର୍ତ୍ତନ ହେବା ପରେ ସରକାର ଯାନବାହନ ଧରପଗଡ ଜୋରଦାର କରିଛନ୍ତି। ଏହାକୁ ନେଇ କିନ୍ତୁ ବିଭିନ୍ନ ସମୟରେ ଜନସାଧାରଣ, ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ତଥା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ବିଭିନ୍ନ ସମୟରେ ପର୍ଯ୍ୟାୟ କ୍ରମେ ଗାଡି ମୋଟର ଯାଞ୍ଚକୁ ରାଜ୍ୟ ସରକାର କୋହଳ କରିଛନ୍ତି। ଏହି କୋହଳ ସୀମା ସରିବା ପରେ ମାର୍ଚ୍ଚ ପହିଲାରୁ ପୁଣି ଗାଡି ମୋଟର ଯାଞ୍ଚ ଜୋରଦାର କରାଯାଉଛି। ତଥାପି ଲୋକେ ସଚେତନ ହୋଇ ନ ଥିବାରୁ ଜରିମାନା ଦେଉଛନ୍ତି। ଯାଞ୍ଚ ବେଳେ ଜନସାଧାରଣଙ୍କୁ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅଟକାଇ ଯାଞ୍ଚ କରାଯାଉଛି। ସରକାରୀ ଗାଡିଗୁଡିକୁ କିନ୍ତୁ କେହି ଯାଞ୍ଚ କରୁ ନାହାନ୍ତି। ଏଣୁ ସରକାରୀ ଗାଡି ଗୁଡିକ ବେଧଡକ ଭାବେ ଯିବା ଆସିବା କରୁଛି। ଝାରସୁଗୁଡା ଜିଲା ପ୍ରଶାସନର ଜିଲା ସ୍ତରୀୟ ଅଧିକାରୀମାନେ ବ୍ୟବହାର କରୁଥିବା ପ୍ରାୟ ଗାଡିର ବୀମା, ଫିଟ୍‌ନେସ୍ ଓ ପ୍ରମାଣପତ୍ର ଆଦି ନାହିଁ। ଏ ଦିଗରେ କିନ୍ତୁ ସ୍ଥାନୀୟ ପୋଲିସ କିମ୍ବା ପରିବହନ ବିଭାଗ ଦୃଷ୍ଟି ଦେଉ ନାହିଁ। ସେହିପରି ନିୟମ ମୁତାବକ ବାଣିଜ୍ୟ ଉଦ୍ଦେଶ୍ୟରେ ପଞ୍ଜୀକୃତ ଗାଡିକୁ ହିଁ ଭଡାରେ ବ୍ୟବହାର କରାଯାଇ ପାରିବ। ହେଲେ ଝାରସୁଗୁଡା ଅତିରିକ୍ତ ଜିଲାପାଳ ବ୍ୟବହାର କରୁଥିବା ଗାଡି କିନ୍ତୁ ବ୍ୟକ୍ତିଗତ ବ୍ୟବହାର ଲାଗି ପଞ୍ଜୀକୃତ ହୋଇଛି। ଏହା ପରିବହନ ବିଭାଗ ଆଇନକୁ ଖିଲାପ କରୁଛି। ଏଭଳି କଲେ ପରିବହନ ବିଭାଗ ଜରିମାନା ଆଦାୟ କରିବା ନେଇ ଆଇନ ରହିଛି। ହେଲେ ପରିବହନ ବିଭାଗ ନିକଟରେ ଏ ନେଇ ସୂଚନା ନାହିଁ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓଡି ୨୩ ଏଫ-୯୪୨୨ ନମ୍ବର ବିଶିଷ୍ଟ ଏକ କାର ବ୍ୟବହାର କରୁଛନ୍ତି। ଏହି ଗାଡି କିନ୍ତୁ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତଗତ ମାଲିକାନାରେ ରହିଛି। ଅତିରିକ୍ତ ଜିଲାପାଳ ବ୍ୟବହାର କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାରେ ଏହି ଗାଡିକୁ ଚୟନ କରାଯାଇଥିଲା। ତେବେ ବ୍ୟକ୍ତିଗତ ମାଲିକାନାରେ ଥିବା ଏହି ଗାଡିକୁ କିଭଳି ଭାବେ ଚୟନ କରାଗଲା ତାହା ପ୍ରଶ୍ନ ସୃଷ୍ଟି କରିଛି। ଏ ନେଇ ଆରଟିଓ ଏସ. ନାୟକଙ୍କୁ ପଚାରିବାରୁ ସେ କିଛି କରି ପାରିବେ ନାହିଁ ବୋଲି କହିବା ସହିତ କୌଣସି ମତାମତ ଦେଇ ନ ଥିଲେ। ସେହିପରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସହିତ ଆଲୋଚନା କରିବାରୁ ଟେଣ୍ଡର ପ୍ରକ୍ରିୟାରେ ଏହି ଗାଡି କାର୍ଯ୍ୟାଳୟରେ ଲାଗିଛି। କିଲୋମିଟର ପିଛା କମ୍ ଟଙ୍କା ଦର୍ଶାଇ ଆବେଦନ କରିଥିବାରୁ ଏହି ଗାଡିକୁ ଚୟନ କରାଯାଇଥିଲା। ତେବେ ଗାଡି ମାଲିକଙ୍କୁ ବ୍ୟକ୍ତିଗତ ମାଲିକାନାରୁ ବାଣିଜ ଉଦ୍ଦେଶ୍ୟ ପାଇଁ ପଞ୍ଜୀକୃତ କରିବା ନେଇ କୁହାଯାଇଥିଲା। ସେ ପରିବର୍ତ୍ତନ ନ କଲେ ପୁଣି ଗାଡି ପାଇଁ ଟେଣ୍ଡର ଆହ୍ୱାନ କରାଯିବ ବୋଲି କହିଛନ୍ତି।



ବ୍ୟକ୍ତିଗତ ବ୍ୟବହାର ପାଇଁ ପଞ୍ଜୀକୃତ କାର ଝାରସୁଗୁଡା ଅତିରିକ୍ତ ଜିଲାପାଳଙ୍କ ବ୍ୟବହାର ପାଇଁ ଭଡାରେ ଲାଗିଛି।


ଇବ୍ ଥର୍ମାଲ ମୁଖ୍ୟଫାଟକ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି ସଂଗ୍ରାମ ସମିତିର କର୍ମକର୍ତ୍ତା।

# ଇବ୍ ଥର୍ମାଲ ଫାଟକ ଆଗରେ ଗଣଧାରଣା

**ଲଖନପୁର,୩।୩ (ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ସ୍ଥିତ ଇବ୍‌ଥର୍ମାଲ ମୁଖ୍ୟଫାଟକ ସମ୍ମୁଖରେ ମଙ୍ଗଳବାର ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ବାସଚ୍ୟୁତ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ତରଫରୁ ୫ଦଫା ସମ୍ବଳିତ ଦାବି ନେଇ ଗଣଧାରଣା ଆରମ୍ଭ ହୋଇଛି। ତ୍ରୁଟିପୂର୍ଣ୍ଣ ପରିବାର ସର୍ବେକ୍ଷଣ ଯୋଗୁ ବହୁ ପରିବାର ଚାକିରି ଓ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପୁନର୍ବାର ସର୍ବେକ୍ଷଣ କରାଯାଇ ସେମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ କରାଯାଉ। ୨୦୧୦ ଅକ୍ଟୋବର ୬ତାରିଖରେ ହୋଇଥିବା ଆର୍‌ପିଡିଏସି ନିଷ୍ପତ୍ତି ଅନୁଯାଇ କାର୍ଯ୍ୟକାରୀ କରାଯାଉଥିବା ପୁନର୍ବାସ ଥଇଥାନ ୨୦୦୬ ନୀତି ଅନୁସାରେ ସ୍ଥାୟୀ ଚାକିରି ବଦଳରେ କମ୍ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଏହାର ପୁନଃ ବିଚାର କରାଯାଇ ସ୍ଥାୟୀ ଚାକିରି ପ୍ରଦାନ କରାଯାଉ। ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀ, ଯୁବକମାନଙ୍କୁ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ ଆଦି ଦାବି ରହିଛି। ଏସବୁ ଦାବିକୁ ନେଇ କମ୍ପାନୀ ବିରୋଧରେ ସଂଗ୍ରାମ ସମିତି ଦୀର୍ଘ ୩୫ ବର୍ଷ ହେଲା ଲଢେଇ କରିଆସୁଛି। ଏଭଳି ସ୍ଥିତିରେ ୨୦୧୮ ଜୁଲାଇରେ ଲଖନପୁର ତହସିଲ କାର୍ଯ୍ୟାଳୟରେ ଉପଜିଲାପାଳଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ସଂଗ୍ରାମ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ବ୍ୟକ୍ତିଗତ ଓ ସାମୂହିକ ଭାବେ ନିଜନିଜର ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଲିଖିତ ଭାବେ ଜଣାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ତାପରେ ଜିଲା ପ୍ରଶାସନ ନିକଟରେ ନିଜନିଜର ଦାବି ସମ୍ପର୍କୀତ ତଥ୍ୟ ପ୍ରଦାନ କରିଥିଲେ। ଏନେଇ ୨୦୧୯ ଜୁଲାଇରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ ୪ ଦିନ ଧରି କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟା ସରିବା ପରେ ଦାବି ସମ୍ପର୍କରେ ଆଉ ଅଧିକ ଅଗ୍ରଗତି ହୋଇନାହିଁ। ଏନେଇ ସଂଗ୍ରାମ ସମିତି ତରଫରୁ ପୁନର୍ବାର ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଆଦିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫେବୃଆରୀ ୨୯ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ମାର୍ଚ୍ଚ ୩ ତାରଖରୁ ପ୍ରକଳ୍ପ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଗ୍ରାମ ସମିତି ଚେତାବନୀ ଦେଇଥିଲା। ଏହି ସମୟସୀମା ମଧ୍ୟରେ ଦାବି ପୂରଣ ନ ହେବାରୁ ସଂଗ୍ରାମ ସମିତି ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛି । ଆନ୍ଦୋଳନ ପ୍ରଥମ ଦିବସରେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ତରଫରୁ ଧାରଣା ସ୍ଥଳରେ କେହି ପହଞ୍ଚି ନ ଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଧିଷ୍ଟକାଳ ଜାରି ରହିବ ବୋଲି ସଭାପତି ଲକ୍ଷ୍ମଣ ପ୍ରଧାନ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସଂଗ୍ରାମ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ଉପସଭାପତି ବାସୁଦେବ ଭୋଇ, ସମ୍ପାଦକ ରବୀନ୍ଦ୍ର ବାରିକ, ସହସମ୍ପାଦକ ମନୋରଞ୍ଜନ ଚନ୍ଦନ, ଉପଦେଷ୍ଟା ଯୋଗେନ୍ଦ୍ର ମାଝି, ଭାଗୀରଥି ସା, କ୍ଷମାସାଗର ଭଇଁସାଲ, ହୀରାରାମ ସାହୁ, ଅନ୍ତର୍ଯ୍ୟାମୀ ଘୁସୀ ପ୍ରମୁଖ ସାମିଲ ରହିଛନ୍ତି।

# ଆର୍‌ଆଇଟି କର୍ମଚାରୀଙ୍କ ବକେୟା ଟପିଲାଣି ୭କୋଟି

**ରାଉରକେଲା ଅଫିସ,୩।୩**

**ବିଜୁଳି ସଂଯୋଗ ବିଚ୍ଛିନ୍ନ, ପରିଚାଳନା କର୍ତ୍ତୃପକ୍ଷଙ୍କ ବିରୋଧରେ ବିକ୍ଷୋଦ୍‌ଗାର**

ଦରମା ନ ପାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ କର୍ମଚାରୀ। ଅନୁଷ୍ଠାନ ସମ୍ପାଦକଙ୍କ ଘର ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। କର୍ତ୍ତୃପକ୍ଷଙ୍କ ମନମାନି ନେଇ ଆନ୍ଦୋଳନ ଧମକ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପରିଚାଳନାଗତ ଅବ୍ୟବସ୍ଥା ଓ ବ୍ୟାପକ ଦୁର୍ନୀତି ନେଇ ବେଦବ୍ୟାସ ନିକଟରେ ଥିବା ରାଜ୍ୟର ସର୍ବପୁରାତନ ଘରୋଇ ଇଞ୍ଜିନିୟରିଂ କଲେଜ ରାଉରକେଲା ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି (ଆରଆଇଟି)ରେ ତାଲା ଝୁଲିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅବସ୍ଥା ଏମିତି ହୋଇଛି ଯେ ଏହି ଇଞ୍ଜିନିୟରିଂ କଲେଜକୁ ପାଣି ବିଜୁଳି ସଂଯୋଗ କାଟି ଦିଆଯାଇଛି। କର୍ମଚାରୀଙ୍କ ୩୦ ମାସ ଦରମା ବାବଦକୁ ଆଜି ପର୍ଯ୍ୟନ୍ତ ୭କୋଟି ବକେୟା ରହିଛି। ଏଥିସହ ୩୩ ମାସର ପିଏଫ ମିଶିଲେ ଏହା ସାଢେ ୭କୋଟିକୁ ଟପିବ ବୋଲି ଅଭିଯୋଗ ହୋଇଛି।

ଏମିତି ଅବସ୍ଥାରେ ପାଠପଢା ସମ୍ପୂର୍ଣ୍ଣ ଠପ ହୋଇ ଯାଇଛି। ଅବସର କର୍ମଚାରୀ ଗତ ବର୍ଷାଧିକ ହେବ ବକେୟା ନପାଇ ହନ୍ତସନ୍ତ ହେଉଛନ୍ତି। ଏନେଇ ଗତ କିଛି ଦିନ ହେବ ବାରମ୍ବାର ଆନ୍ଦୋଳନ କରାଯାଇଛି। ମାଡପିଟ ହୋଇଛି। ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଘେରାଉ କରାଯାଇଛି। ତଥାପି କିଛି ଫଳ ମିଳିପାରିନି। ଏମିତି ଅବସ୍ଥାରେ ୧୩୦ ଷ୍ଟାଫ ଓ ଏମାନଙ୍କ ପରିବାର ଚଳିବେ କେମିତି ସେନେଇ ଚିନ୍ତା ପ୍ରକଟ କରାଯାଇଛି। ଏଣେ କଲେଜ ବସକୁ ଅନ୍ୟତ୍ର ବ୍ୟବହାର କରି ପରିଚାଳନା କର୍ତ୍ତୃପକ୍ଷ ନିଜ ପକେଟ ଗରମ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଛାତ୍ରୀଛାତ୍ର ବସରେ ଯାତାୟତ କରିବାକୁ ଦେଉଥିବା ଅର୍ଥକୁ ଅନ୍ୟତ୍ର ବିନିଯୋଗ କରାଯିବା କେତେଦୂର ଯୁକ୍ତିଯୁକ୍ତ ସେନେଇ ପ୍ରଶ୍ନ କରାଯାଇଛି। ପରିଚାଳନା କମିଟିର ୨ଜଣ ପ୍ରଭାବଶାଳୀ ଲୋକ ଏନେଇ ବେପରୁଆ ମନୋଭାବ ପୋଷଣ କରି ଆସୁଛନ୍ତି। ସେମାନଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ବାଟରେ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଦୀର୍ଘ ବର୍ଷ ହେବ ଏଭଳି ଦୁର୍ନୀତି, ଅନିୟମିତତା ଲାଗି ରହିଥିବା ବେଳେ ଏହାକୁ ସବୁସ୍ତରରେ ଅଣଦେଖା କରାଯାଇଛି। ଏହାର ସୁଯୋଗ ନେଇ ଜଣେ ଦୁଇ ଜଣ ବ୍ୟକ୍ତି ଏଠାରେ ମେରି ରାୟ ଶାସନ ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି। କଲେଜ ସମ୍ପତି ବିକ୍ରି କରି ଆର୍ଥିକ ନିଅଣ୍ଟ ପରିସ୍ଥିତିକୁ ମୁକାବିଲା କରାଯିବ ଓ ବକେୟା ପ୍ରଦାନ କରାଯିବ ବୋଲି କର୍ମଚାରୀଙ୍କୁ ବାରମ୍ବାର ପ୍ରତିଶ୍ରୁତି ମିଳିଛି। ହେଲେ ଏନେଇ କେବଳ ସମୟ ଗଡାଉଛନ୍ତି ପରିଚାଳନା କର୍ତ୍ତୃପକ୍ଷ। ଘଟଣା ବାବଦରେ ସୁନ୍ଦରଗଡ ଜିଲାପାଳ, ରାଉରକେଲା ଅତିରିକ୍ତ ଜିଲାପାଳ, ନିର୍ବାଚିତ ବିଧାୟକ ସମସ୍ତଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଅତୀତରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ପରିସ୍ଥିତିରେ ସୁଧାର ଆସି ପାରୁନି। ଯାହାକୁ ନେଇ ଦୁର୍ଦ୍ଦିନର ସମ୍ମୁଖୀନ ହେଉଥିବା କର୍ମଚାରୀ ବିଶୋଦଗାର କରିଛନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କହିଛନ୍ତି। ଘଟଣା ବାବଦରେ କଲେଜ ସମ୍ପାଦକ ପ୍ରଭାତ ମହାପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ସମସ୍ୟା ରହିଛି। ତେବେ ଏହାର ସମାଧାନ ନେଇ ଆମେ ଚେଷ୍ଟା ଚଳାଇଛୁ। ଖୁବଶିଘ୍ର ଏହାର ସମାଧନ ନେଇ ଆମେ ଆଶାବାଦୀ।



ଗାନ୍ଧୀ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, ବକ୍ତା।

# ଛାତ୍ରୀଛାତ୍ର ମନରୁ ହୀନମନ୍ୟତା ପରିହାର କରନ୍ତୁ

**ରାଉରକେଲା ଅଫିସ,୩।୩**

**ଗାନ୍ଧୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର**

କଲେଜରେ ଆଗ କିମ୍ବା ପଛ ସିଟରେ ବସିବା ନେଇ ମାନସିକତାରେ ଦ୍ୱନ୍ଦ ରହିବା ଅନୁଚିତ। ବରଂ ମନ ଦେଇ ପାଠ କିଭଳି ପଢାଯିବ ଓ ଏହାକୁ ଉପଯୋଗ କରାଯିବ ସେ ଦିଗରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ଦେଓଗାଁ ଗାନ୍ଧି ମହାବିଦ୍ୟାଳୟ ପକ୍ଷରୁ ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ କର୍ପୋରେଟ ଗଭର୍ଣ୍ଣାନ୍ସ ଶୀର୍ଷକ ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟକ ଭାବେ ଯୋଗ ଦେଇ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ଏଭଳି ମତ ପ୍ରକାଶ କରିଥିଲେ। ସେ କହିଥିଲେ, କଲେଜର ପଛ ବେଞ୍ଚରେ ବସୁଥିବା ଛାତ୍ରଟି ଯେ ଭବିଷ୍ୟତରେ ଜଣେ ଶିଳ୍ପପତି ହୋଇ ପାରିବନି ତାର କେହି ଗ୍ୟାରେଣ୍ଟି ଦେଇ ପାରିବେନି। ଏମିତି ଅନେକ ଉଦାହରଣ ରହିଛି ଯେଉଁ ଛାତ୍ରୀଛାତ୍ର ପଛ ବେଞ୍ଚରେ ବସି ପାଠ ପଢନ୍ତି ସେମାନେ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଛନ୍ତି। ଏଣୁ ଛାତ୍ରୀଛାତ୍ର ସର୍ବଦା ପଠନ ମନସ୍କ ହେବା ଉଚିତ ବୋଲି ତ୍ରିପାଠୀ ମତ ପ୍ରକାଶ କରିଥିଲେ। ଟାଟା ଗ୍ରୁପ ଅଫ ମ୍ୟାନେଜମେଣ୍ଟ, ମାନବ ସମ୍ବଳ ବିଭାଗ ପ୍ରଫେସର ଡ. ସି କୁମାର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ମନରୁ ହୀନମନ୍ୟତା ପରିହାର କରି ଦୃଢ ମନୋବଳ ନେଇ ଆଗକୁ ବଢିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟାନେଜମେଣ୍ଟ ବ୍ରେନ ଓୟାର ବିଶ୍ୱବିଦ୍ୟାଳୟ ଏମବିଏ ପ୍ରଫେସର ଡ. ରାଜେନ୍ଦ୍ର ଟକାଲେ ନିଜ ବକ୍ତବ୍ୟରେ କର୍ପୋରେଟ ଗଭର୍ଣ୍ଣାନ୍ସର ବ୍ୟାପକତା ଓ ଏହାର ଉପଯୋଗିତା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ଡ. ଫେଡ୍ରିକ କୁଜୁର ବିଭିନ୍ନ ପରିସ୍ଥିତିରେ ଉଦ୍ୟୋଗର ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଆଲବିନ ଖାଲକୋ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏହି ଅବସରରେ ସ୍ୱାବଲମ୍ବନ ନେଇ କର୍ମଶାଳା ଆୟୋଜନ କରିଥିଲେ। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ରାଉରକେଲା ଶାଖା ପକ୍ଷରୁ ପୁଷ୍ପଲତା ସାହୁ ଯୋଗ ଦେଇ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଜାତୀୟ ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜେ.ଏନ୍. ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି

**ବେଲପାହାଡ଼,୩।୩ (ଡ଼ି.ଏନ୍.ଏ)**

ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ଟାଟା କମ୍ପାନୀ ପ୍ରତିଷ୍ଠାତା ତଥା ଅଗ୍ରଗାମୀ ଶିଳ୍ପପତି ସ୍ୱର୍ଗତ ଜାମସେଦ୍‌ଜୀ ନୁସେରୱାନଜୀ ଟାଟାଙ୍କ ୧୮୧ ତମ ଜନ୍ମ ବାର୍ଷିକୀ ପାଳନ ହୋଇଯାଇଛି। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଟାଟାଙ୍କ ଅବଦାନକୁ ମନେ ପକାଇ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଟାଟା ପାର୍କଠାରେ ଅଧିକାରୀ, କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ସଙ୍ଗଠନର ସଦସ୍ୟା, ହସ୍ପିଟାଲ କର୍ମଚାରୀ, ସୁରକ୍ଷା କର୍ମଚାରୀ ଓ କମ୍ପାନୀ ପରିଚାଳିତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରଥମେ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ କମ୍ପାନୀର ଉପସଭାପତି ହ୍ରିଦେଶ ସେହଗଲ, ଡ଼ଃ ଟି.କେ. ଦାସ, ଡ଼ଃ ତାରାପଦ ଦାଶ ଓ ଡ଼ି.କେ. ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟ ଅତିଥି ଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କରୋନା ଭାଇରସ ନେଇ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବନ୍ଦ ହେଉ

**ରାଉରକେଲା ଅଫିସ,୩।୩**

ଭୟଙ୍କର କରୋନା ଭାଇରସ ସଂକ୍ରମଣ ପ୍ରତିରୋଧ ନେଇ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ବାୟୋମେଟ୍ରିକ ଆଟେଣ୍ଡାନସ ପ୍ରଚଳନକୁ ସ୍ଥଗିତ ରଖିବାକୁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଛନ୍ତି ଯେ, କରୋନା ଭାଇରସ ବିଶ୍ୱର ପ୍ରମୁଖ ଦେଶକୁ ବ୍ୟାପି ସାରିଥିବା ବେଳେ ଏଥିପ୍ରତି ସତର୍କ ରହିବାକୁ ପଡିବ। ବିଶେଷଜ୍ଞ ଡାକ୍ତରଙ୍କ କହିବାନୁସାରେ ଏହି ଭାଇରସ ମଣିଷର ହାତ, ପାପୁଲି, ଆଙ୍ଗୁଠି ଓ ଟିପରୁ ଅନ୍ୟ ଲୋକଙ୍କୁ ବ୍ୟାପି ଥାଏ। ଏଥିଯୋଗୁ ଭାରତ ସରକାରଙ୍କ ଅନେକ ପ୍ରମୁଖ ହସ୍ପିଟାଲ, ଅଫିସ, କଳକାରଖାନା ଆଦି ସ୍ଥାନରେ ବାୟୋମେଟ୍ରିକ ଉପସ୍ଥାନକୁ ବନ୍ଦ ରଖିବା ନିର୍ଦ୍ଦେଶ ଦିଆଯାଇଛି। ଏଣୁ ଆର୍‌ଏସପି ଭିତରେ ଏହାକୁ ନିସିଦ୍ଧ କରିବାକୁ ବେହେରା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ବିବାହ ଭୋଜିରେ ବିଧାୟକଙ୍କ ପୁଅକୁ ପୋଲିସର ମାଡ଼

**ରାଉରକେଲା ଅଫିସ, ୩।୩**



ଖବରଦାତା ସମ୍ମିଳନୀରେ ବିଧାୟକ ଓ ଅନ୍ୟମାନେ ଉପସ୍ଥିତ।

**ରାତିସାରା ଥାନା ବାହାରେ ଧାରଣାରେ ବସିଲେ ବିଧାୟକ, ସମର୍ଥକ**

ନ୍ୟାୟ ଦାବି କରି ରାତି ସାରା ଥାନାରେ ବସିଲେ ବିଧାୟକ ଓ ତାଙ୍କ ସମର୍ଥକ। ବରିଷ୍ଠ ପୋଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଘଟଣାସ୍ଥଳକୁ କେହି ଜଣେ ହେଲେ ଆସିଲେନି। ରାତି ପାହିଗଲା ପରେ ପାନପୋଷ ଏସଡିପିଓ ଆସି ବିଧାୟକଙ୍କୁ ବୁଝାସୁଝା କରି ଉଠାଇଲେ। ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ହେଲେ ମଙ୍ଗଳବାର ସନ୍ଧ୍ୟାଯାଏ କିଛି ଫଳ ହେଲାନି। ଯାହାକୁ ନେଇ ବିଧାୟକ ଜଣଙ୍କ ଦୃଢ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମେଲ ଯୋଗେ ଅବଗତ କରାଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥାକୁ ଦୃଢ ସମାଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ବୀରମିତ୍ରପୁର ଭାଜପା ବିଧାୟକ ଶଙ୍କର ଓରାମଙ୍କ ପୁଅ ବିଶ୍ୱନାଥ ଓରାମ ଗତ ସୋମବାର ରାତିରେ ସାଙ୍ଗମାନଙ୍କ ସହ ଏକ ବିଭାହ ଭୋଜିରେ ଯୋଗ ଦେବାକୁ ଆସିଥିଲେ। ରାଉରକେଲାର ଏକ ଘରୋଇ ମଣ୍ଡପରେ ବିବାହ ଭୋଜି ଚାଲିଥିଲା। ବିଧାୟକ ଓରାମଙ୍କ ପୁଅ ଓ ତାଙ୍କର ଅନ୍ୟ କିଛି ସାଙ୍ଗ ମଣ୍ଡପ ବାହାରେ ଛିଡା ହୋଇ କଥାବାର୍ତ୍ତା କରୁଥିଲେ। ଏତିକି ବେଳେ ଏକ ପୋଲିସ ପାଟ୍ରୋଲିଂ ଗାଡି ଆସି ଘଟଣା ସ୍ଥଳରେ ପହଞ୍ଚିଥିଲା। ଏମାନଙ୍କୁ ନାନା ପ୍ରଶ୍ନ କରିବା ସହ ଧକ୍କାପେଲା କରିବାରୁ ପିଲାମାନେ ପ୍ରତିବାଦ କରିଥିଲେ। ଏତିକିରେ ପୋଲିସ ଉତ୍ତ୍ୟକ୍ତ ହୋଇ ବିଧାୟକଙ୍କ ପୁଅ ବିଶ୍ୱନାଥ ଓ ଅନ୍ୟାମନାଙ୍କୁ ନିସ୍ତୁକ ପିଟିଥିଲା ବୋଲି ଓରାମ ଅଭିଯୋଗ କରିଛନ୍ତି। ବିଧାୟକ ଓରାମ ନିଜେ ଏକ ବିବାହ ଭୋଜିରେ ଝାଡ଼ଖଣ୍ଡରେ ଥିବା ବେଳେ ଖବରପାଇ ରାତି ପ୍ରାୟ ୧୨ଟାରେ ରଘୁନାଥପାଲ୍ଲୀ ଥାନାରେ ପହଞ୍ଚିଥିଲେ। ଏନେଇ ଥାନା ଅଧିକାରୀଙ୍କୁ ସେ ପଚାରିବାରୁ ଘଟଣାକୁ ସେ ଅସ୍ୱୀକାର କରିବା ସହ ଓରାମଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଏମିତି ଅବସ୍ଥାରେ ଉତ୍ତ୍ୟକ୍ତ ସମର୍ଥକଙ୍କୁ ନେଇ ବିଧାୟକ ଓରାମ ଥାନା ବାହାରେ ଧାରଣାରେ ବସିଥିଲେ।

ରାତି ତମାମ ସେ ବସି ରହିଥିଲେ ବି କେହି ଜଣେ ହେଲେ ବରିଷ୍ଠ ଅଧିକାରୀ ଘଟଣା ସ୍ଥଳକୁ ଆସି ନ ଥିଲେ। ଏନେଇ ବିଧାୟକ ଓରାମ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ଜଣେ ଆଦିବାସୀ ବିଧାୟକ ହୋଇଥିବାରୁ ପ୍ରଶାସନ ଜାଣିଶୁଣି ମୋ ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କରିଛି। ଜିଲା ପୋଲିସର ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ଘଟଣା ସ୍ଥଳକୁ କେହି ନ ଆସିବା ଏଭଳି ପାତର ଅନ୍ତରକୁ ଦର୍ଶାଉଛି। ଜଣେ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି କିଭଳି ଆଚରଣ କରିବାକୁ ହୁଏ ସେ କଥାକୁ ପୋଲିସ ଭଲ ଭାବେ ଜାଣେ। ଏହା ସତ୍ତ୍ୱେ ନ୍ୟାୟ ମାଗିବାକୁ ଆସି ରାତି ସାରା ଥାନା ବାହାରେ ଶୀତ କାକକରେ ବସି ରହିବା କେତେ ଯୁକ୍ତିସଙ୍ଗତ ସେକଥା ମୁଖ୍ୟମନ୍ତ୍ରୀ ଓ ତାଙ୍କ ୫-ଟି ସଚିବ କହିବେ କି ବୋଲି ଓରାମ ପ୍ରଶ୍ନ କରିଛନ୍ତି। ଆଦିବାସୀଙ୍କୁ ପ୍ରତି କଥାରେ ନାଲି ଆଖି ଦେଖାଇ ଦବାଇବାକୁ ଚେଷ୍ଟା କରାଯାଉଛି। ଏହାର ଦୃଢ ବିରୋଧ କରିବା ସହ ନିନ୍ଦା କରୁଛି ବୋଲି ଖବରଦାତାଙ୍କ ସହ ଆଲୋଚନା କରି ଓରାମ କହିଛନ୍ତି। ଯଦି ମୋ ପୁଅ କିମ୍ବା ତାଙ୍କ ସାଙ୍ଗମାନେ ବିଶୃଙ୍ଖଳା କରୁଥିଲେ କିମ୍ବା ଅନ୍ୟ କୌଣସି ସମାଜ ବିରୋଧି କାମରେ ଲିପ୍ତ ଥିଲେ ତେବେ ପୋଲିସ ଗିରଫ ପରିବର୍ତ୍ତେ ରାଜରାସ୍ତାରେ କାହିଁକି ଗୋଡାଇ ପିଟିଲା ବୋଲି ଓରାମ ପ୍ରଶ୍ନ କରିଛନ୍ତି। ଏଥିସହ ଥାନାଧିକାରୀଙ୍କ ଆଚରଣ ନେଇ ମର୍ମାହତ ବୋଲି ସେ କହିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ କି ପ୍ରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉଛି ତାକୁ ଆମେ ଅପେକ୍ଷା କରିବୁ ବୋଲି ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓରାମ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଏନେଇ ପାନପୋଷ ଏସଡିପିଓ ଅସୀମ ପଣ୍ଡାଙ୍କୁ ପଚାରାଯିବାରୁ ସେ ଘଟଣାକୁ ଅସ୍ୱୀକାର କରିବା ସହ କହିଥିଲେ ଘଟଣାସ୍ଥଳକୁ ଯାଇ ବିଧାୟକ ଓରାମଙ୍କ ସହ ଆଲୋଚନା କରିଥିଲି। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲି। କାହାକୁ ଅଣଦେଖା କିମ୍ବା ଅବହେଳା କରାଯିବା ପୋଲିସର ଉଦ୍ଦେଶ୍ୟ ନ ଥାଏ।